**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୫୯,୫୧,୫୪୧ | ୫୨,୬୭,୦୯୧ | ୨୩,୯୬,୧୧,୦୫୫ |
| ଭାରତ | ୩,୪୬,୩୩,୨୫୫ | ୪,୭୦,୬୨୦ | ୩,୪୦,୬୦,୭୭୪ |
| ଓଡ଼ିଶା | ୧୦,୫୦,୨୪୯ | ୮୪୨୨(+୫୩) | ୧୦,୩୯,୬୭୩ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଝାରସୁଗୁଡ଼ାରେ ପ୍ରତିଷ୍ଠା ହେବ ଇଏସ୍ଆଇସିର ଉପ ଆଞ୍ଚଳିକ କାର୍ଯ୍ୟାଳୟ

**ଭୁବନେଶ୍ୱର (ବ୍ୟୁରୋ)/ଝାରସୁଗୁଡ଼ା ଅଫିସ, ୫।୧୨:** ଝାରସୁଗୁଡ଼ାଠାରେ ଇଏସ୍ଆଇସିର ଉପ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଭୂପିନ୍ଦର ଯାଦବଙ୍କୁ ଅନୁରୋଧ କରିଥିଲେ। ଧର୍ମେନ୍ଦ୍ରଙ୍କ ଏହି ଅନୁରୋଧକୁ କେନ୍ଦ୍ର ଶ୍ରମମନ୍ତ୍ରୀ ରକ୍ଷା କରିଛନ୍ତି। ଧର୍ମେନ୍ଦ୍ର ଚିଠି ଲେଖିବାର ୨ ମାସ ମଧ୍ୟରେ ଶ୍ରମମନ୍ତ୍ରୀ ତ୍ୱରିତ ପଦକ୍ଷେପ ନେଇଛନ୍ତି। କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶନିବାର ଇଏସଆଇସିର ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଉକ୍ତ ନିଷ୍ପତ୍ତିକୁ ଅନୁମୋଦନ ଦିଆଯାଇଛି। ସେହିପରି ଯାଜପୁର ଜିଲା ଡୁବୁରୀରେ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍ଆଇ ଡାକ୍ତରଖାନା ମଧ୍ୟ ନିର୍ମାଣ କରାଯିବା ନେଇ ବିଭାଗୀୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ସେପ୍ଟେମ୍ବର ୨୯ରେ ଧର୍ମେନ୍ଦ୍ର ଚିଠି ଲେଖି ଭୁବନେଶ୍ୱର ଇଏସ୍ଆଇସିର ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଝାରସୁଗୁଡାଠାରେ ଉପ ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟ ଲାଗି ଅନୁରୋଧ କରିଛନ୍ତି। ଇଏସଆଇସିର ହିତାଧିକାରୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଆହୁରି ଉଲ୍ଲେଖ କରିଥିଲେ ଯେ, ଭୁବନେଶ୍ୱରରେ ଥିବା ଇଏସ୍ଆଇସି ଆଞ୍ଚଳିକ କାର୍ଯ୍ୟାଳୟ ରାଜ୍ୟର ପୂର୍ବାଞ୍ଚଳରେ ଅବସ୍ଥାପିତ ଅଛି। ଏହି କାରଣରୁ ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା କର୍ମଚାରୀ ଏବଂ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଳୟକୁ ଯିବାପାଇଁ ଦୂରଦୂରାନ୍ତରୁ ଯାତ୍ରା କରିବାକୁ ପଡୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ାରେ ଇଏସଆଇସିର ଉପ ଆଞ୍ଚଳିକ କାର୍ଯ୍ୟାଳୟ କରାଗଲେ ସ୍ଥାନୀୟ ଲୋକମାନେ ଉପକୃତ ହୋଇପାରିବେ।

### କିରାନା ଦୋକାନରୁ ୩ ଲକ୍ଷ ଟଙ୍କା ଲୁଟ୍

**ରାୟଗଡ଼ା ଅଫିସ,୫।୧୨:** ରାୟଗଡ଼ା ଟାଉନ ଥାନା ଅଧୀନ ନ୍ୟୁ କଲୋନୀସ୍ଥିତ ୟୁଜିଏମ୍ଆଇଟି-କପିଳାସ ରୋଡ୍ ମଧ୍ୟରେ ଥିବା ହନୁମାନ ଏଜେନ୍ସି ନାମକ ଏକ ହୋଲ୍‌ସେଲ କିରାନା ଦୋକାନରେ ଶନିବାର ରାତିରେ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ଦୋକାନର ଶଟର୍ ତାଡ଼ି ଡ୍ରୟରରେ ଥିବା ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ଏ ନେଇ ଦୋକାନ ମାଲିକ ପି. ସତିଶ କୁମାର ଓ ପି. ଗିରିଶ କୁମାର ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ରାତି ସାଢ଼େ ୮ଟାରେ ମାଲିକ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ସକାଳେ ଦୋକାନ ରାସ୍ତା ଦେଇ ଯାଉଥିବା କେତେଜଣ ବ୍ୟକ୍ତି ଦୋକାନର ଶଟର ଭଙ୍ଗା ଯାଇଥିବା ଦେଖି ସତୀଶ ଓ ଗିରିଶଙ୍କୁ ଜଣାଇଥିଲେ। ଦୁଇ ମାଲିକ ପହଞ୍ଚି ଦୋକାନରୁ ଚୋରି ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଟାଉନ ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଥାନାଧିକାରୀ ସୁମତି ମହାନ୍ତି ଏବଂ ଏସ୍ଆଇ ମାନସ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ପଡ଼ୋଶି ଦୋକାନରେ ଲାଗିଥିବା ସିସିଟିଭି ଆଧାରରେ ତଦନ୍ତ ଚଳାଇଛନ୍ତି। ତେବେ ସିସିଟିଭିରେ ୨ ଯୁବକ ଶଟର ତାଡୁଥିବା ଦୃଶ୍ୟ ରେକର୍ଡ ହୋଇଥିଲେ ମଧ୍ୟ ସ୍ଥାନଟି ଅନ୍ଧାର ଥିବାରୁ ସେମାନଙ୍କ ମୁହଁ ସ୍ପଷ୍ଟ ଦେଖାଯାଉନାହିଁ। ତଥାପି ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହେବୁ ବୋଲି ଅତିରିକ୍ତ ଥାନାଧିକାରୀ କହିଛନ୍ତି।

# ଜମିରୁ ଜଳ ନିଷ୍କାସନ ପାଇଁ ବିଶେଷଜ୍ଞଙ୍କ ମତ

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ଚଳିତ ବର୍ଷ ଓଡ଼ିଶାର ଚାଷ ଓ ଚାଷୀଙ୍କ ପାଇଁ କୌଣସି ଦୃଷ୍ଟିରୁ ଶୁଭଙ୍କର ହୋଇପାରିନାହିଁ। ଚାଷ କାର୍ଯ୍ୟ ଆରମ୍ଭରୁ ମୌସୁମୀର ଅନିୟମିତତା ଯୋଗୁ ତଳି ପୋଡିଗଲା। ତା’ ପରେ କେଣ୍ଡାରେ ଫସଲ ଧରିବା ସମୟରେ ଅଦିନିଆ ବର୍ଷା ଫସଲକୁ କ୍ଷତି ପହଞ୍ଚାଇଲା। ଏବେ ବାତ୍ୟା ‘ଜୱାଦ’ ଭୟରେ କେଉଁଠି ଚାଷୀ ଫସଲକୁ ଆଗୁଆ ଅମଳ କଲେ, ତ ଆଉ କେଉଁଠି ସମୟ ଅଭାବରୁ ଫସଲକୁ ସେମିତି ଭଗବାନ ଭରଷାରେ ଛାଡିଦେଲେ। ହେଲେ ବାତ୍ୟା ଚଳିଥିଲେ ମଧ୍ୟ ଏଥିଜନିତ ବର୍ଷା ବାକିତକ ଫସଲ ମଧ୍ୟ ନଷ୍ଟ କରିଦେବାକୁ ବସିଛି। ବର୍ଷା ପାଣିରେ ପାଚିଲା ଧାନ ଶୋଇ ରହିଥିବାବେଳେ କ୍ଷେତକୁ ଦେଖି ଚାଷୀର ମନୋବଳ ଭାଙ୍ଗି ଯାଇଛି।

ରବିବାର ହୋଇଥିବା ପ୍ରବଳ ବର୍ଷାରେ ଜଗତ୍‌ସିଂପୁର, ନୟାଗଡ, ଗଞ୍ଜାମ, ପୁରୀ, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ଆଦି ଜିଲାଗୁଡିକରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ପୁରୀ ଜିଲା କାଦୁଆ ପଞ୍ଚାୟତ ଭରତପୁର ଗ୍ରାମର ଚାଷୀ ସୁରେନ୍ଦ୍ର କୁମାର ନାୟକ କୁହନ୍ତି, ସେ ନିଜର ପ୍ରାୟ ୭ ଏକର ଜମିରେ ପୂଜା ଓ କନକ ପ୍ରଜାତିର ମସୁରି ଧାନ ଚାଷ କରିଥିଲେ। ଗତ ଅଦିନିଆ ବର୍ଷାରେ ଜମିରେ ପାଣି ଜମି ରହିବାରୁ ପ୍ରାୟ ୩ ଏକରର ଫସଲ ନଷ୍ଟ ହୋଇଥିଲା। ବାକି ଫସଲର ଅମଳ ପାଖେଇ ଆସୁଥିବାବେଳେ ବର୍ତ୍ତମାନର ବର୍ଷାରେ ତାହା ବୁଡ଼ି ରହିଛି। ସେହିପରି ଗାଁର ପ୍ରାୟ ୧୦୦ ଏକରରୁ ଅଧିକ ଚାଷ ଜମି ରହିଥିବାବେଳେ ୮୫ ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷୀମାନେ ଧାନ ଚାଷ ହୋଇଥିଲା। ବର୍ଷା ଯୋଗୁ ସବୁ ଚାଷୀ କ୍ଷତିରେ ପଡିବେ। ଏଣୁ ଆସନ୍ତା ଖରିଫ ପସଲ ପାଇଁ ମାଗଣାରେ ଚାରା ଆବା ବିହନ ଓ କ୍ଷତିପୂରଣ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

### ବର୍ଷାରେ ଭାଙ୍ଗିଲା ଚାଷୀ ମନୋବଳ



ପୁରୀ ଭରତପୁର ଗ୍ରାମର ଜଣେ ଚାଷୀ ନିଜ କ୍ଷେତରେ ଛିଡ଼ା ହୋଇଛନ୍ତି।

ଏପଟେ ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାଶ କହିଛନ୍ତି, ଆଗକୁ ଆଉ ସେହିଭଳି ବର୍ଷାର ସମ୍ଭାବନା ନାହିଁ। ସୋମବାର ଦକ୍ଷିଣ ଓଡିଶାରେ ବର୍ଷାର ସମ୍ଭାବନା ନ ଥିବାବେଳେ ଉତ୍ତର ଓ ଉପକୂଳ ଓଡିଶାରେ ସାମାନ୍ୟ ବର୍ଷା ହୋଇପାରେ। ଏହା ଚାଷୀଙ୍କ ପାଇଁ କିଛିଏ ଆଶ୍ୱସ୍ତିକର ଖବର ହୋଇଥିବାବେଳେ ଯେଉଁ ଯେଉଁ ଜିଲାଗୁଡିକରେ ବାତ୍ୟା କାରଣରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ସେଠାରେ ଧାନ ଗଛ ଭୂଇଁରେ ଶୋଇଯାଇଛି। ଏଣୁ ସେହି ଅଞ୍ଚଳଗୁଡିକରେ ଫସଲ କ୍ଷତିଗ୍ରସ୍ତ ହୋଇଛି ବୋଲି ସେ କହିଛନ୍ତି। କୃଷି ବିଶେଷଜ୍ଞ ତୁଷାର ରଞ୍ଜନ ମହନ୍ତି କହିଛନ୍ତି, ବାତ୍ୟା ସମ୍ଭାବନାକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ବାତ୍ୟା ପୂର୍ବରୁ ୮୫ ପ୍ରତିଶତରୁ ଅଧିକ ପାଚିଯାଇଥିବା ଫସଲକୁ ଅମଳ କରିବାକୁ ପରାମର୍ଶ ଦିଆଯାଇଥିଲା। ଆଗକୁ ବର୍ଷା କମିବ ବୋଲି ପାଣିପାଗ ବିଭାଗ ଆକଳନ କରିଥିବାରୁ ଅମଳ ହୋଇପାରି ନ ଥିବା ଫସଲକୁ ଠିଆ କରି ରଖିବା ସହ ଯଥାଶୀଘ୍ର ଜମିରୁ ଜଳ ନିଷ୍କାସନ କରନ୍ତୁ। ଏଥିସହ ଜମି ଆର୍ଦ୍ର ଥିବାରୁ ଆଗାମୀ ରବିରତୁ ପାଇଁ ପ୍ରସ୍ତୁତ ହେବା ପାଇଁ ଚାଷୀଙ୍କୁ ସେ ଆହ୍ୱାନ ଦେଇଛନ୍ତି।

# ଗୋରୁଙ୍କ ବେକରେ ରଶିବାନ୍ଧି ନଦୀପାର



ବେକରେ ରଶିବାନ୍ଧି ମାଡ଼ମାରି ଗୋରୁଙ୍କୁ ନଦୀ ପାର କରି ନେଉଥିବା ବ୍ୟବସାୟୀ।

**ମାଲକାନଗିରି,୫।୧୨(ଡି.ଏନ୍.ଏ.)**

ଚାଷ ଜମିକୁ ଟ୍ରାକ୍ଟରରେ ଚାଷ କରିବା ପରେ ଚାଷରେ ବ୍ୟବହୃତ ହେଉଥିବା ବଳଦ ହତାଦରର ଶିକାର ହେଉଥିବା ଦେଖିବାକୁ ମିଳୁଛି। ସେମାନଙ୍କୁ ମଣିଷ ଅମାନୁଷିକ ଭାବେ କଂସେଇଖାନା ହାତରେ ଟେକି ଦେଉଛି। ଏହି ଗୋ ସମ୍ପଦକୁ କଂସେଇଖାନା ମାଲିକ ନିକଟସ୍ଥ ହାଟରେ ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାଣାର ବ୍ୟବସାୟୀଙ୍କୁ ବିକ୍ରି କରିଦେଉଛି। ଫଳରେ ସେମାନେ ଅତି ନିର୍ମମ ଭାବେ ଏହି ଗୋରୁଙ୍କୁ ଓଡ଼ିଶାରୁ ନିଜ ରାଜ୍ୟକୁ ନେଉଛନ୍ତି।

ମାଲକାନଗିରି ଜିଲା ଶେଷ ସୀମାନ୍ତ ଆନ୍ଧ୍ରକୁ ଲାଗିଥିବା ମୋଟୁ ସାବେରୀ ନଦୀରେ ଅସୁରକ୍ଷିତ ଓ ବିପଦସଙ୍କୁଳ ଅବସ୍ଥାରେ ସେମାନେ ଏହି ବଳଦଗୁଡିକୁ ନେଉଥିବା ଦେଖିବାକୁ ମିଳୁଛି। ଭରା ନଦୀରେ ବଳଦଙ୍କ ବେକରେ ରଶି ଲଗାଇ ଡଙ୍ଗା ଉପରେ ବସିଥିବା ବ୍ୟବସାୟୀମାନେ ଜବରଦସ୍ତ ମାଡ ମାରି ସେମାନଙ୍କୁ ଟାଣି ଟାଣି ନଦୀ ଆରପାରିକୁ ନେଉଛନ୍ତି। ପ୍ରତ୍ୟହ ଶତାଧିକ ଗୋରଙ୍କୁ ଏପରି ଭାବେ ନଦୀପାର କରି ନିଆଯାଉଛି। ଏସବୁ ଜାଣି ମଧ୍ୟ ପ୍ରଶାସନ ନୀରବ ରହୁଛି। ଉପକୂଳ ଓଡ଼ିଶାରେ ସୀମାନ୍ତ

### ଆନ୍ଧ୍ର ବେପାରୀଙ୍କ ବର୍ବରତା

ବାଂଲାଦେଶ ଏବଂ କଲିକତାକୁ ଗାଡିରେ ଗୋଚାରଣକୁ ରୋକ ଲଗାଯାଇଥିବା ବେଳେ ଅବିଭକ୍ତ କୋରାପୁଟ ଜିଲାରେ ଏହାକୁ ରୋକା ଯାଇପାରିନାହିଁ। ଜୟପୁର ସୀମାନ୍ତ ଆନ୍ଧ୍ରର ସାଲୁର ପର୍ଯ୍ୟନ୍ତ ଶତାଧିକ ସଂଖ୍ୟାରେ ବ୍ୟବସାୟୀ ଗୋରୁଙ୍କୁ କିଣିବା ପରେ ରାସ୍ତାରେ ଶ୍ରମିକଙ୍କ ଦ୍ୱାରା ଚଲାଇ ଚଲାଇ ନେଉଥିବା ନିତିଦିନିଆ ଦୃଶ୍ୟ ପାଲଟିଛି। ଏନେଇ ସ୍ଥାନୀୟ ଲୋକେ କହନ୍ତି, ମୋଟୁ ଥାନାରେ ମାସିକ ୧୦ ହଜାର ଟଙ୍କା ଲାଞ୍ଚ ଦିଆଯାଉଛି। ଫଳରେ ପୋଲିସ ଏପରି ଅମାନୁଷିକ ଗୋଚାଲାଣକୁ ଆଖି ବୁଜି ଦେଉଛି। ଜିଲା ପ୍ରଶାସନ ଏ ଦିଗରେ କଡା କାର୍ଯ୍ୟାନୁଷ୍ଠାନ ନେଇ ଗୋଚାଲାଣ ରୋକିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଏସଡିପିଓ ଅଭିଲାଷ ଜିଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପୂର୍ବରୁ ୨ଥର ମୋଟୁ ପୋଲିସ କର୍ମଚାରୀ ଗୋଚାଲାଣ ବେଳେ ଧରି ବିଭିନ୍ନ ସ୍ୱେଚ୍ଛାସେବୀଙ୍କୁ ଦେଇଛନ୍ତି। ଏଥିସହ ଲାଞ୍ଚ ଅଭିଯୋଗକୁ ଖଣ୍ଡନ କରି ସେ ଏହାର ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି।

# ସ୍ୱେଚ୍ଛାସେବୀ ସେବା ଜାରି ରଖନ୍ତୁ: ରାଜ୍ୟପାଳ



ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆଲୋଚନା କରୁଛନ୍ତି।

**ପୁରୀ ଅଫିସ, ୫।୧୨**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରବିବାର ତିନିଦିନିଆ ପୁରୀ ଗସ୍ତରେ ଆସିଛନ୍ତି। ସେ ଏଠାରେ ଥିବା ରାଜଭବନରେ ପହଞ୍ଚିବା ପରେ ତାଙ୍କୁ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ ବାତ୍ୟା ଜୱାଦର ପ୍ରଭାବ ସମ୍ପର୍କରେ ବରିଷ୍ଠ ଅଧିକାରୀମାନଙ୍କଠାରୁ

### ଆଜି ମହାପ୍ରଭୁଙ୍କୁ ଦର୍ଶନ କରିବେ

ପଚାରି ବୁଝିଥିଲେ। ଏହି ଅସବରରେ ରେଡ୍‌କ୍ରସ, ସ୍କାଉଟ୍ସ ଓ ଗାଇଡ୍ସ ଏବଂ ସେଣ୍ଟ ଜନ୍ସ ଆମ୍ବୁଲାନ୍ସର ସ୍ୱେଚ୍ଛାସେବୀମାନେ ରାଜ୍ୟପାଳଙ୍କୁ ଭେଟିଥିଲେ। ବିଭିନ୍ନ ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ଓ ସେବାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ବିଗତ ସମୟରେ ସ୍ୱେଚ୍ଛାସେବୀମାନେ ଯେପରି ଜନସାଧାରଣଙ୍କ ସେବା କରିଛନ୍ତି, ଆଗାମୀ ଦିନରେ ମଧ୍ୟ ସେହିପରି ସେବା କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୁରୀ ତହସିଲଦାର ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ତହସିଲଦାର ସୌମ୍ୟ ମିଶ୍ର, ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ, ରିଜର୍ଭ ପୋଲିସ ଅଧିକାରୀ ଚନ୍ଦ୍ରଶେଖର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳ ସୋମବାର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେ ଆସନ୍ତା ୭ ତାରିଖରେ ଭୁବନେଶ୍ୱର ଫେରିଯିବାର ଗସ୍ତ ସୂଚୀ ରହିଥିବା ସୂଚନା ମିଳିଛି।

# ବାଇକ୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା),୫।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଛକରେ ରବିବାର ବାଇକ୍ ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ କୁକୁଡାଝରୀ ଗ୍ରାମର ସନ୍ତୋଷ ରାଉତରାୟ। ସେ ରଣପୁର ବ୍ଲକ ଅନ୍ତର୍ଗତ ଚପାପେଡି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଥିଲେ। ସୂଚନା ମୁତାବକ, ଶିକ୍ଷକ ରାଉତରାୟ ସ୍କୁଟିରେ ଯାଉଥିବା ବେଳେ ଟାଙ୍ଗୀ ବ୍ଲକ ଛକରେ ଜଣେ ଯୁବକ ବାଇକରେ ଆସି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ଉଭୟ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଶିକ୍ଷକ ରାଉତରାୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି।

# ବାର୍‌ହା ଫାଶରେ ଫସି ଯୁବକଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ,୫।୧୨**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଛତିଶଗଡ଼ ସୀମାନ୍ତ ଲୁହାବଗା ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବାର୍‌ହା ଶିକାର ପାଇଁ ବିଛାଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭୂଦେବ ମେହେର (୨୧)। ରେଙ୍ଗାଲି ଥାନା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ମା’ ଉର୍ବଶୀ ବିଦ୍ୟୁତ୍ ତାର ବିଛାଇଥିବା ଅଭିଯୁକ୍ତଙ୍କୁ ଧରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଗ୍ରାମବାସୀ ସମର୍ଥନ ଜଣାଇ ପାଟିତୁଣ୍ଡ କରିଥିଲେ। ଉତ୍ତେଜନା ଦେଖାଦେବାରୁ ଥାନା ଆଇଆଇସି କେ ସମାରିଆ ପହଞ୍ଚି ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ୧୭୪/୨୧) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଅଟକରଖି ପଚରାଉଚରା ଚଳାଇଛି।

ଭୂଦେବ ଶନିବାର ସନ୍ଧ୍ୟାରେ ବାହାରକୁ କୌଣସି କାମରେ ଯାଇ ଘରକୁ ଫେରି ନ ଥିଲେ। ଘର ଲୋକେ ଖୋଜାଖୋଜି କରି ରାତି ୧୧ଟାରେ ଗାଁଠାରୁ ୨ଶହ ମିଟର ଦୂରରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥିବା ଦେଖିଥିଲେ। ପରେ ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ବାର୍‌ହା ଶିକାରପାଇଁ ସୀମାନ୍ତବର୍ତ୍ତୀ ଗ୍ରାମମାନଙ୍କରେ ଶିକାରୀମାନେ ବେଆଇନ ଭାବେ ବିଦ୍ୟୁତ୍ ତାର ବିଛାଇ ବାର୍‌ହା, ହରିଣ, ସମ୍ବର ଆଦି ବନ୍ୟପ୍ରାଣୀ ଶିକାର କରୁଛନ୍ତି।

# ଗାଁରେ ପଶିଲା ହାତୀ, ଲୋକେ ଭୟଭୀତ

**ନିରାକାରପୁର,୫।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ସଞ୍ଜ ନଇଁଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ମୁହାଁ ହେଉଛନ୍ତି। ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଭାଙ୍ଗୁଛନ୍ତି। ହାତୀ ଆକ୍ରମଣରେ ଅନେକ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ରବିବାର ଏହି ବନାଞ୍ଚଳ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତ ଉଦୟଗିରି ଗ୍ରାମରେ ଏକ ହାତୀ ପଶିଯିବାରୁ ଲୋକେ ଭୟଭୀତ ହୋଇ ଏଣେତେଣେ ଦୌଡୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚିବା ପୂର୍ବରୁ ହାତୀଟି ଉଦୟଗିରି ଜଙ୍ଗଲ ଭିତରକୁ ପଳାଇଥିବା ଜଣାପଡ଼ିଛି। ତେବେ



ହାତୀକୁ ଦେଖି ଲୋକେ ଭୟଭୀତ ହୋଇ ଦୌଡୁଛନ୍ତି।

ଉଦୟଗିରିରେ ୧୯ଟିକିଆ ହାତୀପଲ ରହିଥିବା ବେଳେ କମାଗୁରୁ ସାହାଡ଼ା ଜଙ୍ଗଲରେ ୪ଟି, ନାରଗଦାରେ ଗୋଟିଏ ହାତୀ ରହିଥିବା ବନ ବିଭାଗ ପକ୍ଷରୁ ଜଣାପଡ଼ିଛି। ସୂଚନାଥାଉ କି, ଏହି ବନାଞ୍ଚଳ ଅନ୍ତର୍ଗତ ବଡ଼ପୋଖରିଆ, ରାମେଶ୍ୱର, ନିରାକାରପୁର, ଜଙ୍କିଆ, ଗୋଡିପଡା, ଓଲସିଂହ, ଭୂଷଣ୍ଡପୁର, ନୂଆଗଡ, ସୁନ୍ଦରପୁର, ଛଣଗିରି, ନାରଗଦା, ଟାଙ୍କୋଳ, କମାଗୁରୁ, ସରପାରୀ, ଡିଆ, ଲେଣ୍ଡୋ, ଗୋଳବାଇ ଆଦି ପଞ୍ଚାୟତ ଅଞ୍ଚଳରେ ହାତୀପଲ ପଶି ଫସଲ ଖାଇବା ସହ ଘର ଭାଙ୍ଗୁଛନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବା ସହ ହାତୀ ଘଉଡ଼େଇବା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ନାଳିଫିତା ତଳେ ପାଇଲଟ ପ୍ରକଳ୍ପ

- ■ ଅଙ୍ଗନୱାଡି ଶିଶୁ, ଗର୍ଭବତୀଙ୍କ ଖାଦ୍ୟ ତାଲିକାରେ ଚୂନାମାଛ ସାମିଲ ଯୋଜନା
- ■ ସରକାରୀ ଘୋଷଣାକୁ ବର୍ଷେ ପୂରିଲା

**ବାରିପଦା ଅଫିସ,୫।୧୨**

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ପରିପୂରକ ପୁଷ୍ଟିସାଧନ ଖାଦ୍ୟ ତାଲିକାରେ ଚୂନାମାଛ ସାମିଲ କରାଯିବା ନେଇ ପାଇଲଟ ପ୍ରକଳ୍ପ ଭାବେ ମୟୂରଭଞ୍ଜ ଜିଲାକୁ ମନୋନୀତ କରାଯାଇଥିଲା। ଏହି ଘୋଷଣାକୁ ଏକବର୍ଷ ପୂରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଫଳରେ ସରକାରୀ ଯୋଜନା ବାସ୍ତବ ରୂପ ନେବା ପରିବର୍ତ୍ତେ ନାଳିଫିତା ତଳେ ପଡ଼ି ରହିଛି।

ମୟୂରଭଞ୍ଜ ଜିଲାର ୫୦ଟି ଅଙ୍ଗନୱାଡି କେନ୍ଦ୍ରରେ ଏହି ପ୍ରକଳ୍ପ ଆରମ୍ଭ କରାଯିବା ନେଇ ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ମତ୍ସ୍ୟ ଉତ୍ପାଦନ ଓ ଅନ୍ତର୍ଜାତୀୟ ସଂସ୍ଥା ୱାର୍ଲ୍ଡଫିଶ ମଧ୍ୟରେ ୨୦୨୦ ନଭେମ୍ବର ୧୦ରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ୩ରୁ ୬ବର୍ଷ ବୟସର ଶିଶୁ, ଗର୍ଭବତୀ ଓ ପ୍ରସୂତି ଏବଂ କିଶୋରୀମାନଙ୍କୁ ଯୋଗାଇ ଦିଆଯାଉଥିବା ପରିପୂରକ ପୁଷ୍ଟିସାଧନ ଖାଦ୍ୟ ତାଲିକାରେ ଚୂନାମାଛ ପ୍ରଦାନ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଗ୍ରାମପଞ୍ଚାୟତ ପୋଖରୀରେ ମାଛଚାଷ କରୁଥିବା ମିଶନ ଶକ୍ତି ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଦେଇ ସକ୍ରିୟ କରିବା, ମାଛ ପ୍ରକ୍ରିୟାକରଣ, ପୁଷ୍ଟିସାଧନ କ୍ଷେତ୍ରରେ ମାଛର ଉପାଦେୟତା ସମ୍ପର୍କରେ ସାମାଜିକ ଏବଂ ବ୍ୟବହାରିକ ସଚେତନତା ସୃଷ୍ଟି କରିବା ଆଦି ଲକ୍ଷ୍ୟ ରହିଥିଲା। ଅଧିକ ମାଛ ଉତ୍ପାଦନ ହେଉଥିବା ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଅତ୍ୟାଧୁନିକ ସୌରଚାଳିତ ଯନ୍ତ୍ର ସାହାଯ୍ୟରେ ମାଛ ଶୁଖାଇବା, ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଆଇ)ଙ୍କ ମାନ ଅନୁସାରେ ମାଛଗୁଣ୍ଡ ପ୍ରସ୍ତୁତ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବା ନେଇ ବୁଝାମଣା ହୋଇଥିଲା।

ଏହି ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ୪୨ହଜାର୫୮ ଏସ୍‌ଏଚ୍‌ଜିରେ ଥିବା ୮୪ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ମଧ୍ୟରୁ କେତେଜଣ ମହିଳା ଉକ୍ତ ପ୍ରକଳ୍ପ ମାଧ୍ୟମରେ ରୋଜଗାରକ୍ଷମ ପାଇପାରନ୍ତେ। ବୁଝାମଣା ପତ୍ର ସ୍ୱାକ୍ଷର ବେଳେ ପ୍ରକଳ୍ପ ସମ୍ପର୍କରେ ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ୍ କହିଥିଲେ, ପର୍ଯ୍ୟାପ୍ତ ପୁଷ୍ଟିସାଧନ ସହ ଅର୍ଥନୈତିକ ସୁଯୋଗ ସୃଷ୍ଟି ନିମନ୍ତେ ଏହି କାର୍ଯ୍ୟକ୍ରମ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ। ସେହିପରି ୱାର୍ଲ୍ଡଫିଶର ମହାନିର୍ଦ୍ଦେଶକ ଡ.ଗରେଥ ଜନଷ୍ଟୋନ ସଂସ୍ଥାର ବୈଷୟିକ ବିଶେଷଜ୍ଞମାନେ ୬ମାସ ମଧ୍ୟରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ସ୍ୱଚ୍ଛ ଏବଂ ସ୍ୱାସ୍ଥ୍ୟକର ପରିବେଶରେ ସୌରଚାଳିତ ମାଛ ଶୁଖା ଯନ୍ତ୍ର ସାହାଯ୍ୟରେ ମାଛ ଶୁଖାଇବା ନେଇ ଜ୍ଞାନ କୌଶଳ ଯୋଗାଇଦେବେ ବୋଲି କହିଥିଲେ। ତେବେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ ଆରମ୍ଭ ହୋଇପାରି ନାହିଁ। ଏ ସମ୍ପର୍କରେ ମିଶନ ଶକ୍ତିର ଜିଲା ସଭାପତି ବିଷ୍ଣୁପ୍ରିୟା ଦାସ କୁହନ୍ତି, ଅଦ୍ୟାବଧି କୌଣସି ଗ୍ରୁପ୍‌ର ମହିଳାଙ୍କୁ ତାଲିମ ପ୍ରଦାନ କରାଯାଇ ନାହିଁ।

ଉକ୍ତ ପ୍ରକଳ୍ପ ମୟୂରଭଞ୍ଜରେ ସଫଳ ହୋଇଥିଲେ ରାଜ୍ୟର ଅନ୍ୟ ଜିଲାଗୁଡ଼ିକୁ ସାମିଲ କରାଯାଇଥାନ୍ତା। ରାଜ୍ୟ ସରକାର ମହିଳାଙ୍କ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ମନୋଭାବ ଯୋଗୁ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ଦେଖାଦେଉଛି ବୋଲି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ପ୍ରକାଶ କରିଛନ୍ତି।



## ଜ୍ୟୋତି ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ

ସମ୍ବଲପୁର,(ବ୍ୟୁରୋ): ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ଅନୁଷ୍ଠାନ ଜ୍ୟୋତି ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଓ ଧନକଉଡା ମାନସିକ ଅନଗ୍ରସର ସ୍କୁଲ ଅଧ୍ୟକ୍ଷ ବ୍ରଜବନ୍ଧୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ଦିବସ ବିଷୟରେ ବୁଝାଇଥିଲେ। ସଂଯୋଜିକା କଳ୍ପନା ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିକ୍ଷାବିତ୍ ଭକ୍ତପ୍ରସାଦ ନନ୍ଦ, ସୁନୀଲ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ଚନ୍ଦ୍ରାବଳୀ ମହାପାତ୍ର ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଏହି ଅବସରରେ ରାଜ୍ୟସ୍ତରୀୟ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତାମାନଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଦିବ୍ୟାଙ୍ଗମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସରକାରୀ ଯୋଜନା ଅପହଞ୍ଚ ଗାଁ

କୁଚିଣ୍ଡା,୫।୧୨(ଡି.ଏନ୍.ଏ.)

ଅନୁନ୍ନତ ଅଞ୍ଚଳର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ସମ୍ବଲପୁର ଜିଲାର ଏଭଳି ଏକ ଗାଁ ରହିଛି ଯେଉଁଠି ସରକାରୀ ଯୋଜନା ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଛି।

କୁଚିଣ୍ଡା ଉପଖଣ୍ଡ ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତର ପଡାଗାଁ ହେଉଛି ମାୟାପାଲ। ପଞ୍ଚାୟତ ମୁଖ୍ୟାଳୟଠାରୁ ପ୍ରାୟ ୨୧କି.ମି. ଦୂର ବଣପାହାଡ ଘେରା ଏହି ଗାଁରେ ବସବାସ କରନ୍ତି ୨୦ଗୋଟି ଆଦିବାସୀ ପରିବାର। ଗାଁକୁ ଯିବାକୁ ହେଲେ ଛୋଟବଡ ୫ଟି ନାଳ ପାରିହେବାକୁ ପଡିଥାଏ। କୁଲୁଣ୍ଡିଠାରୁ ନୁନଭେଟ ୧୭କି.ମି. ପକ୍କା ରାସ୍ତା ଥିବାବେଳେ ସେଠାରୁ ମାୟାପାଲକୁ ୪ କି.ମି. ଆଦୌ ଭଲ ରାସ୍ତା ନାହିଁ। ରାସ୍ତାର ଉନ୍ନତି ପାଇଁ ନାଳ ହିଁ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ନାଳଗୁଡିକ ନିକଟସ୍ଥ ପାହାଡରୁ ବାହାରିଥିବାରୁ ଚିରସ୍ରୋତା। ବର୍ଷାଦିନେ


ନାଳରେ ପଶି ଯାଉଛନ୍ତି ଗାଁ ଲୋକେ।


ଗାଁ ଲୋକଙ୍କ ଯିବାଆସିବା ରାସ୍ତା।

ନାଳ ପାରିହୋଇ ଯିବା ସମ୍ଭବ ନ ଥିବା ବେଳେ ଖରାଦିନେ ବି ଲୋକେ ନାଳ ପାଣି ଦେଇ ଯିବାଆସିବା କରନ୍ତି। ଗାଁରେ ସ୍କୁଲ କିମ୍ବା ଅଙ୍ଗନୱାଡି କେନ୍ଦ୍ର ନାହିଁ। ପ୍ରାଥମିକ ଶିକ୍ଷା ପାଇଁ ପିଲାଙ୍କୁ ୪କି.ମି. ଦୂର ନୁନଭେଟ ସ୍କୁଲକୁ ଯିବାକୁ ପଡିଥାଏ। ନାଳ ପାଣି ଓ ବନ୍ୟଜନ୍ତୁଙ୍କ ଭୟରେ ଅଭିଭାବକ ପାଳି କରି ସ୍କୁଲ ନେବାଆଣିବା କରନ୍ତି। ଚାରିବର୍ଷ ପୂର୍ବରୁ ବିଦ୍ୟୁତ୍ ଖୁଣ୍ଟ ପୋତାହେବା ପରେ ଗ୍ରାମବାସୀ ବିଦ୍ୟୁତ୍ ଆଲୁଅ ଜଳିବା ନେଇ ଆଶା ବାନ୍ଧିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଡିବିରି ହିଁ ଭରସା ହୋଇଛି। ପାନୀୟଜଳ ପାଇଁ ଗାଁର ୨୦ ପରିବାର ଲାଗି ଗୋଟିଏ ନଳକୂପ ରହିଛି। ହେଲେ ଫେବୃୟାରୀ ମାସ ହେଲେ ନଳକୂପରୁ ପାଣି ବାହାରେ ନାହିଁ। ଲୋକେ ସେହି ଝରଣା ପାଣି ଉପରେ ନିର୍ଭର କରନ୍ତି। ନାଳ ଓ ରାସ୍ତା ସମସ୍ୟା ଯୋଗୁ ଗାଁକୁ ଆମ୍ବୁଲାନ୍ସ ଆସିପାରେ ନାହିଁ। ଗର୍ଭବତୀ କିମ୍ବା ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଖଟିଆ ହିଁ ଏକ ମାତ୍ର ସାହା ଭରସା। ମାତ୍ର ୬ଜଣଙ୍କୁ ବାଦ୍‌ଦେଲେ ବହୁ ଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଅଛନ୍ତି। ସେହିପରି ମାତ୍ର ୭ ପରିବାରଙ୍କୁ ମିଳିଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର। ନିର୍ବାଚନ ଆସିଲେ ବିଭିନ୍ନ ଦଳର ନେତା ଗ୍ରାମକୁ ଆସି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ପରବର୍ତ୍ତୀ ସମୟରେ ସବୁ ଭୁଲିଯାଉଥିବା କହନ୍ତି ଗ୍ରାମବାସୀ।

ଏ ସମ୍ପର୍କରେ କୁଲୁଣ୍ଡି ପିଇଓ ମିତ୍ରଭାନୁ ପଟେଲ କହନ୍ତି, ନୁନଭେଟରୁ ମାୟାପାଲକୁ ଅଧା ଫରେଷ୍ଟ ରୋଡ ହୋଇଥିବାରୁ ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ନାଳଗୁଡିକରେ ପୋଲ ପାଇଁ ପଞ୍ଚାୟତରୁ ବ୍ଲକ ଓ ଜିଲା ପ୍ରଶାସନ ପାଖକୁ ପ୍ରସ୍ତାବ ଦିଆଯାଇଛି। ଭତ୍ତା ଓ ଆବାସ ଯୋଜନାରେ ଘର ଅନ୍‌ଲାଇନ ପ୍ରକ୍ରିୟାରେ ହେଉଥିବାରୁ ତାହା ନିୟମାନୁଯାୟୀ ହେବ। ଜମନକିରା ବିଡିଓ ଟୁନୁ ମେହେର କହନ୍ତି, ମୁଁ ଖୁବ୍ କମଦିନ ହେବ ଏହି ବ୍ଲକକୁ ଆସିଛି। ମାୟାପାଲ ସମସ୍ୟା ମୋ ଦୃଷ୍ଟିକୁ ଆସିଛି। ଏଥିପାଇଁ ବ୍ଲକରୁ ଏକ ଟିମ୍ ଗ୍ରାମକୁ ସ୍ଥିତି ଅନୁଧ୍ୟାନ ପାଇଁ ଯାଇଛନ୍ତି। ରିପୋର୍ଟ ଦେବା ପରେ ଯାହାକିଛି ସରକାରୀ ସୁବିଧା ଯୋଗାଇଦେବାକୁ ପଦକ୍ଷେପ ନିଆଯିବ।

## ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟତା ସାମଗ୍ରୀ ବଣ୍ଟନ

ଦେବଗଡ଼,୫।୧୨(ଡି.ଏନ.ଏ.)

ସ୍ୱାମୀ ବିବେକାନନ୍ଦ ନିରତାର ଅନୁଷ୍ଠାନ ପକ୍ଷରୁ ଜଗବନ୍ଧୁ ଜରାଶ୍ରମ ଦ୍ୱାରା ଦେବଗଡ ଜିଲା ଦିବ୍ୟାଙ୍ଗମାନଙ୍କୁ ରବିବାର ତିନିଚକିଆ ସାଇକେଲ, ଆଶାବାଡି, ଶ୍ରବଣ ଯନ୍ତ୍ର ଏବଂ ବ୍ଲାଇଣ୍ଡ ଷ୍ଟିକ ଆଦି ସହାୟତା ସାମଗ୍ରୀ ପ୍ରଦାନ କରାଯାଇଛି। ସ୍ଥାନୀୟ ଗୋପୀନାଥ ମନ୍ଦିର ପରିସରରେ ଜଗବନ୍ଧୁ ଜରାଶ୍ରମ ମୁଖ୍ୟ ଆଶୁତୋଷ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସହାୟତା ସାମଗ୍ରୀ ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଦେବଗଡ ଜିଲାର ମୋଟ ୬୪ଜଣ ଦିବ୍ୟାଙ୍ଗଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଉପରୋକ୍ତ ସହାୟତା ଉପକରଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ନଗର ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ରମଣି କାନ୍ତ ଦାଶ, ନଗର ସମ୍ପାଦକ ରମଣି ରଞ୍ଜନ ଆଚାର୍ଯ୍ୟ, ପ୍ରତାପ କୁମାର ପଣ୍ଡା ଓ ଜଗବନ୍ଧୁ ଜରାଶ୍ରମର ସଦସ୍ୟ ଅଶୋକ କୁମାର ଦାଶଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସମ୍ବଲପୁର ଡାକ ମଣ୍ଡଳରେ ପୋଷ୍ଟ କାର୍ଡ ଅଭିଯାନ

ସମ୍ବଲପୁର,୫।୧୨(ବ୍ୟୁରୋ): ସ୍ୱାଧୀନତାର ଅମୃତ ମହୋତ୍ସବକୁ ଦୃଷ୍ଟିରେ ରଖି ସମ୍ବଲପୁର ଡାକ ମଣ୍ଡଳ ପକ୍ଷରୁ ପୋଷ୍ଟ କାର୍ଡ ଅଭିଯାନ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମଣ୍ଡଳ ଅଧୀକ୍ଷକ ବିପିନ ବିହାରୀ ନେଗୀ କହିଥିଲେ, ଏହି ଅଭିଯାନରେ ସମ୍ବଲପୁର, ବରଗଡ଼ ଓ ଦେବଗଡ଼ ଜିଲାର ସମସ୍ତ ସିବିଏସ୍‌ସି ଏବଂ ରାଜ୍ୟ ବୋର୍ଡର ଚତୁର୍ଥରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର ଭାଗ ନେଇପାରିବେ। ସେମାନେ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟ କାର୍ଡ ମାଧମରେ ସ୍ୱାଧୀନତା ସଂଗ୍ରାମର ଅଣସଙ୍ଗଠିତ ନାୟକ କିମ୍ବା ୨୦୪୭ରେ ମୋ ଭାରତର ପରିକଳ୍ପନା ବିଷୟରେ ନିଜର ବିଚାର ଲେଖି ପଠାଇପାରିବେ। ଭାରତୀୟ ଡାକ ବିଭାଗ ଓ ବିଦ୍ୟାଳୟ ଶିକ୍ଷା ତଥା ସାକ୍ଷରତା ବିଭାଗ ଭାରତ ସରକାରଙ୍କ ତତ୍ତ୍ୱାବଧାନରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ବୋଲି ଅଧୀକ୍ଷକ ନେଗୀ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

### ମେଶିନ ଓଲଟି ଶ୍ରମିକଙ୍କ ମୃତ୍ୟୁ

କୁଚିଣ୍ଡା,୫।୧୨((ଡି.ଏନ.ଏ.): କୁଚିଣ୍ଡା ଥାନା ସିଙ୍ଗଲପୋଷି ଗ୍ରାମରେ ରବିବାର ଧାନ ବିଲରେ ଥ୍ରେସର ମେଶିନ ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅମିତ ନାଏକ (୩୦)। ଏ ନେଇ କୁଚିଣ୍ଡା ପୋଲିସ ଏକ ମାମଲା ରୁଜୁକରି ମେଶିନ ଜବତକରି ତଦନ୍ତ ଚଳାଇଛି। ସିଙ୍ଗଲପୋଷି ଗ୍ରାମର ବବଲୁ ନାୟକ ନିଜର ଧାନ କଟା ଥ୍ରେସର ମେସିନ ନେଇ ବିଲକୁ ଯାଇଥିଲେ। ଜଣଙ୍କ ବିଲରେ ଧାନ କାଟି ମେଶିନ ଅନ୍ୟ ଜଣଙ୍କ ବିଲକୁ ଯାଉଥିବା ସମୟରେ ହିଡରେ ଓଲଟି ପଡିଥିଲା। ଫଳରେ ଶ୍ରମିକ କାମ କରୁଥିବା ଅମିତ ମେଶିନ ତଳେ ଚାପିହୋଇ ମୃତ୍ୟୁବରଣ କରିଥିଲେ।

### ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

କୁଚିଣ୍ଡା,୫।୧୨(ଡି.ଏନ.ଏ.): କୁଚିଣ୍ଡା ଏନ୍‌ଏସିର ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ କୁଚିଣ୍ଡା ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦର ଖଲିଲ ଶେଖ (୩୬)। ଏ ନେଇ ପୋଲିସ ଏକ ମାମଲା (ନଂ.୨୨୨/୨୧) ରୁଜୁ କରି ତଦନ୍ତ ଚଳାଇଛି। ଖଲିଲ କୁଚିଣ୍ଡାରେ ଭଡାଘରେ ରହି ରାଜମିସ୍ତ୍ରି ଭାବେ କାମ କରନ୍ତି। ପୂର୍ବାହ୍ନରେ ସେ ନାବାଳିକାଙ୍କୁ ଏକୁଟିଆ ଦେଖି ପ୍ରଲୋଭିତ କରି ଅସଦାଚରଣ କରିଥିଲେ। ନାବାଳିକା ଏ ସମ୍ପର୍କରେ ଘରେ କହିବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା।

### ଗୋଷ୍ଠୀ ସଂଘର୍ଷ ଘଟଣା: ଆଉ ୩ କୋର୍ଟ ଚାଲାଣ

ସମ୍ବଲପୁର,୫।୧୨(ବ୍ୟୁରୋ): ସମ୍ବଲପୁର ଟାଉନ ଥାନା ବୈଦନାଥ ଛକରେ ଥିବା ଦୋକାନ ଗୃହକୁ ନେଇ ହୋଇଥିବା ଗୋଷ୍ଠୀ ସଂର୍ଘଷ ଘଟଣାରେ ପୋଲିସ ରବିବାର ଆଉ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁନାପାଲିର ଶେଖ ଅଖତର, ବୈଦନାଥ ଛକର ବାଲୁଙ୍କେଶ୍ୱର ମିଶ୍ର ଓ ଠେଲକୋପଡାର ବିକାଶ କଂସା। ଏହାକୁ ମିଶାଇ ଗିରଫ ସଂଖ୍ୟା ୬ରେ ପହଞ୍ଚିଛି। ଶନିବାର ଏହି ଘଟଣାରେ କଳମ ଅଗ୍ରୱାଲ, ପେନ୍‌ସନ୍‌ପଡାର ମହମ୍ମଦ ୟୁସୁଫ ଓ ସୁନାପାଲିର ମହମ୍ମଦ ସବିରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ପ୍ରଥମପକ୍ଷ କୈଳାସ ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## କ୍ରିକେଟ: ମାରୁତି ଏକାଦଶ ଚାମ୍ପିୟନ


ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ସହ ଖେଳାଳିମାନେ।

ବ୍ରଜରାଜନଗର,୫।୧୨ (ଡି.ଏନ.ଏ.)

ସ୍ଥାନୀୟ ତେଲେନପାଲି କ୍ରିକେଟ ପଡିଆରେ ଚାଲିଥିବା ପ୍ରଥମ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତାରେ ସୁଜିତ ଏକାଦଶକୁ ହରାଇ ଆୟୋଜକ ମାରୁତି ଏକାଦଶ ଚାମ୍ପିୟନ ହୋଇଛି। ମାରୁତି ଏକାଦଶ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ସୁଜିତ ଏକାଦଶ ବାଟିଂ କରି ନିର୍ଦ୍ଧାରିତ ଓଭରରେ ୫୨ରନ କରିଥିଲା। ଜବାବରେ ମାରୁତି ଏକାଦଶ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଉଦ୍‌ଯାପନୀ ସମାରୋହରେ ଝାରସୁଗୁଡ଼ା ବିଜେଡି ଉପସଭାପତି ବିଶ୍ୱନାଥ ନାୟକ ମୁଖ୍ୟଅତିଥି ଓ ବ୍ରଜରାଜନଗର ବିଜେଡି ସଭାପତି ରାଧାକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଟିମ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

ସମ୍ବଲପୁର(ବ୍ୟୁରୋ)
ଝାରସୁଗୁଡ଼ା ଅଫିସ୍,୫।୧୨

ସମ୍ବଲପୁର ଜିଲା କୃଷି କାର୍ଯ୍ୟାଳୟରେ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ଦିଲୀପ କୁମାର ନାଏକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ, ଜିଲା କୃଷକ ସଙ୍ଗଠନ ସଭାପତି ମୁରାରୀ ପୁରୋହିତ, ଚିପିଲିମା କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସ୍ୱାଗତିକା ଶ୍ରୀଚନ୍ଦନ ଯୋଗ ଦେଇଥିଲେ। କୃଷକମାନେ ମୃତ୍ତିକା ପରୀକ୍ଷା କରିବାର ଆବଶ୍ୟକତା ରହିଛି। ଜୈବିକ ସାର ପ୍ରୟୋଗ କଲେ ମୃତ୍ତିକାର ମାନ ବୃଦ୍ଧି ହୋଇଥାଏ ବୋଲି କୁହାଯାଇଥିଲା । ଏହି ଅବସରରେ ମାନେଶ୍ୱର ଓ ଧନକଉଡା ବ୍ଲକର ୨୦ ଜଣ ଚାଷୀଙ୍କୁ ସାମାଜିକ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣିଧନ ଆଦି ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜଗନାଥ ଦାସ, ମମତା ତ୍ରିପାଠୀ, ଅନ୍ୱେଷା ଦଳବେହେରା ପରିଚାଳନା କରିଥିବାବେଳେ ଟଙ୍କଧର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।


ଝାରସୁଗୁଡ଼ାଠାରେ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଉଛି।

ଝାରସୁଗୁଡା ଜିଲା କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ରବିବାର ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏଥିରେ ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା, ବିଧାୟକ ପ୍ରତିନିଧି ସଞ୍ଜୀବ ପ୍ରଧାନ, ଜିଲା କୃଷି ଅଧିକାରୀ ପ୍ରଭାତ କୁମାର ମାର୍ଥ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମନୋଜ କୁମାର ବାରିକ, ଉପପ୍ରକଳ୍ପ ନିର୍ଦ୍ଦେଶକ ଧିରେନ୍ଦ୍ର ସିଂହ ବରିହା, ମୃତ୍ତିକା ରସାୟନବିତ୍ ତିଲୋତ୍ତମ ମହାକୁଡ ପ୍ରମୁଖ ଯୋଗଦେଇଥିଲେ। ବୈଜ୍ଞାନିକ ବାରିକ ମୃତ୍ତିକା ପରୀକ୍ଷାର ଗୁରୁତ୍ୱ ସହ ଅମଳ ମାଟିର ସୁପରିଚାଳନା ଉପରେ ଆଲୋକପାତ କରିଥିଲେ। ପ୍ରାଣୀ ବିଭାଗ, ଜଳବିଭାଜିକା ବିଭାଗ, ଉଦ୍ୟାନ କୃଷି ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକ୍ କୃଷି ଅଧିକାରୀ,ସହକାରୀ କୃଷି ଅଧିକାରୀ ଓ ବିଭିନ୍ନ ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ମାର୍ଥ ଧନ୍ୟବାଦ ଦେଇଥିଲେ।

## ଗୋ ସୁରକ୍ଷା ପ୍ରାନ୍ତ ସ୍ତରୀୟ ବୈଠକ

ସମ୍ବଲପୁର,୫।୧୨(ବ୍ୟୁରୋ)

ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତ ଗୋ ସୁରକ୍ଷା ବିଭାଗର ପ୍ରାନ୍ତ ସ୍ତରୀୟ ବୈଠକ ସମ୍ବଲପୁର କୁମ୍ଭାରପଡାସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଗୋରକ୍ଷା ପ୍ରମୁଖ ସୁଶାନ୍ତ ପଟେଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ତ୍ରିଲୋକନାଥ ବାଗୀ ଏହାକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ସଙ୍ଗଠନ ସମ୍ପାଦକ ଶରତ ପ୍ରଧାନ, ଗୋରକ୍ଷା ବିଭାଗ ପ୍ରାନ୍ତ ପ୍ରଭାରୀ ସୁଧିର ରଞ୍ଜନ ବହିଦାର ଯୋଗଦେଇ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ ଗୋରକ୍ଷା ସଙ୍ଗଠନ ସମ୍ପାଦକ ବିଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଧିର ପଣ୍ଡା, ତାରାକାନ୍ତି ପଟେଲ, ବିପିନ ଗଡନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏଥିସହ ସୁନ୍ଦରଗଡ଼ ଜିଲାର ମହିଳାମାନଙ୍କୁ ଗୋ ଆଧାରିତ କୁଟୀରଶିଳ୍ପ ପ୍ରଶିକ୍ଷଣ ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ଫୁଟ୍‌ବଲ: କର୍ଲାଯୋରୀ ଚାମ୍ପିୟନ




ଝାରସୁଗୁଡ଼ା ଅଫିସ,୫।୧୨

ଲଖନପୁର ବ୍ଲକ୍ ସିଂହାରପୁର ଗ୍ରାମ ଖେଳ ପଡିଆରେ ସିଂହାରପୁର ଝାଡେଶ୍ୱର ବାବା କ୍ଲବ୍ ତରଫରୁ ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। କର୍ଲାଯୋରୀ ଓ ଝାରମୁଣ୍ଡା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କର୍ଲାଯୋରୀ ଦଳ ଚାମ୍ପିୟନ ହୋଇଛି। ବିଜେତା ଦଳକୁ ଟ୍ରଫି ସହ ୩୦ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କାର୍ତ୍ତିକ ଦାସ, ରାମ ସେନ୍ଦେରିଆ, ମହେନ୍ଦ୍ର ବଗର୍ତି,ରମଣୀ ମାଝି, କିଷାନ ଦାସ, ଅରୁଣ କିଷାନ, ସୁଧାଂଶୁ ପ୍ରଧାନ ରେଫରି ଭାବେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୌତମ ପ୍ରଧାନ ମୁଖ୍ୟଅତିଥି, ସାମାଜିକ କର୍ମୀ ପିତାମ୍ବର ମିଶ୍ର ମୁଖ୍ୟବକ୍ତା, କମଳା ପ୍ରଧାନ, ଜି ପଣ୍ଡା, ଟଙ୍କଧର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ୧୩ରୁ ଗାଁ କଲ୍ୟାଣ ସମିତି କାମ ବନ୍ଦ

ସମ୍ବଲପୁର,୫।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ରବିବାର ସମ୍ବଲପୁର ସାକ୍ଷୀପଡାରେ ଅନୁଷ୍ଠିତ ହୋଇଯାଇଛି । ଶାନ୍ତିଲତା ପଟେଲଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଦୀର୍ଘ ଦିନ ହେବ ସଂଘର ନ୍ୟାର୍ଯ୍ୟ ଦାବିଗୁଡିକୁ ସରକାର ପୂରଣ କରୁନାହାନ୍ତି। ତେଣୁ ଚଳିତ ମାସ ୧୩ ତାରିଖ ବିଧାନସଭା ଘେରାଉ କରାଯିବ। ଏଥିସହ ଏହି ଦିନଠାରୁ ଅଙ୍ଗନୱାଡି କର୍ମୀମାନେ ଗାଁ କଲ୍ୟାଣ ସମିତି କାର୍ଯ୍ୟ ବନ୍ଦ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସହ ଆବାହକ ପ୍ରଶାନ୍ତ କୁମାର ପାଢୀ, ସାଧାରଣ ସମ୍ପାଦିକା ପ୍ରଭାସିନୀ ପାଢୀ, କନକ ପ୍ରଧାନ, ଯଶୋବନ୍ତି ବେହେରା, ସୈରେନ୍ଦ୍ରି ନାୟକ, ଉର୍ମିଳା ସାହୁ, ଗୋଲାପି ପଟେଲ, ଉର୍ମିଳା ବାଗ, ମମତା ପ୍ରଧାନ, ଶୁଭ୍ରା ମିଶ୍ର, ରଞ୍ଜିତା କେରକେଟା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ଆୟୋଜିତ ସଭାକୁ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଯାଉଛନ୍ତି ।

## ଅଙ୍ଗନୱାଡି କର୍ମଚାରୀଙ୍କ ସମସ୍ୟା ନେଇ ଆଲୋଚନା

ଦେବଗଡ଼,୫।୧୨(ଡି.ଏନ.ଏ.)

ଅଙ୍ଗନୱାଡି କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଲିଗାଲ ରାଇଟ୍ସ କାଉନଶିଲ ଇଣ୍ଡିଆର ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ କୁମାରୀ ଦେବୀଙ୍କ ସହ ଜିଲା ଅଙ୍ଗନୱାଡି କର୍ମଚାରୀମାନେ ଆଲୋଚନା କରିଛନ୍ତି। ଜିଲା ସଂଘ ସମ୍ପାଦିକା ନଳିନୀ ନନ୍ଦ, ବାରକୋଟ ବ୍ଲକ ସମ୍ପାଦିକା ମଞ୍ଜୁବାଳା ଜେନା, ରିଆମାଳ ବ୍ଲକ ସମ୍ପାଦିକା ଅଞ୍ଜଳୀ ମୁଣ୍ଡା ପ୍ରମୁଖ ଦେବଗଡ ରାଜପ୍ରସାଦରେ ଲିଗାଲ ରାଇଟ୍ସ କାଉନଶିଲ ଇଣ୍ଡିଆର ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ କୁମାରୀ ଦେବୀଙ୍କ ସହ ଆଲୋଚନା କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଙ୍ଗନୱାଡି କର୍ମଚାରୀ ସଂଘର ଦାବିଗୁଡିକ ପୂରଣ ନେଇ ଉଦ୍ୟମ କରାଯିବ ବୋଲି ଲିଗାଲ ରାଇଟ୍ସ କାଉନଶିଲର ରାଜ୍ୟ ସଭାନେତ୍ରୀ ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି।

## ଫୁଟ୍‌ବଲ: ଏମ୍.ବି.ଇଣ୍ଡିଆ ଚାମ୍ପିୟନ

ଦେବଗଡ଼,୫।୧୨(ଡି.ଏନ.ଏ.)

ତିଲେଇବଣି ବ୍ଲକ କଂସର ଗ୍ରାମରେ ପ୍ରଗତୀଶୀଳ ଯୁବକ ସଂଘ ଆନୁକୁଲ୍ୟରେ ଶନିବାରଠାରୁ ଆରମ୍ଭ ହୋଇଥିବା ଦ୍ୱି ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଗୁଡେସିଂହା ଫୁଟବଲ ଦଳକୁ ପରାସ୍ତ କରି ଏମ୍‌ବି ଇଣ୍ଡିଆ ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଆୟୋଜିତ ଉଦ୍‌ଯାପନୀ ତଥା ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସୌଭାଗ୍ୟ କୁମାର ପାତ୍ର ଓ ଅକାଲୁ ଧଳ ଯୋଗଦେଇ ଚାମ୍ପିୟନ ଏମ.ବି.ଇଣ୍ଡିଆ ଫୁଟବଲ ଦଳ ଓ ରର୍ନଅପ୍ ଗୁଡେସିଂହା ଫୁଟବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ଆୟୋଜକ ପ୍ରଗତୀଶୀଳ ଯୁବକ ସଂଘ ପଦ୍ମଲୋଚନ ଗୁରୁ, ପ୍ରଶାନ୍ତ ଭୋଇ, ପ୍ରଶାନ୍ତ ମୁଣ୍ଡା, ଯଶୋଧର ପ୍ରଧାନ, ଗୋଲେଖ କିଷାନ, ନରେନ କୁମାର ଅଚ୍ଛି, ଭୁପେନ ମଝି ଓ ପ୍ରତୀକ ପ୍ରଧାନଙ୍କ ସମେତ ସଂଘ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଜୱାଦ ପ୍ରଭାବରେ ବର୍ଷା: ଫସଲ ନଷ୍ଟ ଆଶଙ୍କାରେ ଚାଷୀ

ସମ୍ବଲପୁର,୫।୧୨(ବ୍ୟୁରୋ)

ସାମୁଦ୍ରିକ ଝଡ଼ ଜୱାଦ ଦୁର୍ବଳ ହୋଇଛି। ଏହାର ପ୍ରଭାବରେ ସମ୍ବଲପୁର ଜିଲାରେ ବର୍ଷାର ପରିମାଣ କମ ରହିଥିଲେ ମଧ୍ୟ ଧାନ ଓ ପରିବା ଫସଲ ନଷ୍ଟ ହେବା ନେଇ ଚାଷୀମାନେ ଆଶଙ୍କା କରିଛନ୍ତି। ପେଟା ଧାନ, ଅମଳ ଚୁନାଧାନ ଭିଜିଯାଇଛି। ବସ୍ତାରେ ମଧ୍ୟ ଚାଷୀମାନେ ସୁରକ୍ଷିତ ରଖିପାରି ନାହାନ୍ତି। କେତେକ ସ୍ଥାନରେ ବର୍ଷା ଯୋଗୁ ଧାନ ଅମଳରେ ବାଧା ସୃଷ୍ଟି ହୋଇଛି। ଧାନ ଗଛ ବିଲରେ ଶୋଇରହିଥିବା ଦେଖିବାକୁ ମିଳିଛି। ଖଳାରେ ଚାଷୀମାନେ ଅମଳ ଧାନକୁ ସୁରକ୍ଷା ଦେବାରେ ଲାଗିପଡିଛନ୍ତି। ବର୍ଷା ନ କମିଲେ ବିଗତ ବର୍ଷ ଭଳି ବ୍ୟାପକ କ୍ଷତି ହେବ ବୋଲି ଚାଷୀମାନେ କହିଛନ୍ତି।

ଜିଲାର ପ୍ରାୟ ସମସ୍ତ ବ୍ଲକରେ ବର୍ଷା ହୋଇଛି। ଏଥିଯୋଗୁ ଧାନ ଓ ପରିବା ଚାଷ ପ୍ରଭାବିତ ହୋଇଛି। ରୋଗପୋକ ଲାଗିବା ଭଳି ସ୍ଥିତି ଦେଖାଦେଇଛି। ବର୍ଷା ପରେ ଏବେ କୁହୁଡିଆ ପାଗ ପରିବା ଚାଷ ପାଇଁ ବିପଦ ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପଟେ ୨ଦିନ ଧରି ହୋଇଥିବା ବର୍ଷା ମିଲର୍ସମାନଙ୍କୁ ସୁହାଇବ। ପୂର୍ବରୁ ବାଧ୍ୟତା ମୂଳକ ଭାବେ ପ୍ରତି କୁଇଣ୍ଟାଲରେ ୬ରୁ ୧୦ କେଜି କଟ୍‌ନୀଛଟ୍‌ନୀ କରୁଥିଲେ। ଏବେ ଚାଷୀଙ୍କ ସମସ୍ୟାରୁ ସେମାନେ ଫାଇଦା ଉଠାଇବେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପ୍ରଶାସନ ଏହାକୁ ଗୁରୁତର ସହ ନ ନେଲେ ଚାଷୀଙ୍କୁ ସବୁ ଦିଗରୁ କ୍ଷତି ସହିବାକୁ ପଡିବ। ସୂଚନାଯୋଗ୍ୟ ଜିଲାରେ ପ୍ରାୟ ୧ ଲକ୍ଷ ୭ ହଜାର ହେକ୍ଟର ଜମିରେ ଚାଷ କରିବାର ଲକ୍ଷ୍ୟ ରହିଥିଲା। ପ୍ରଥମେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷ ପ୍ରଭାବିତ ହେବା ସହ କେତେକ ସ୍ଥାନରେ ମରୁଡି ପରିସ୍ଥିତି ଦେଖାଦେଇଥିଲା। ଏବେ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ସମସ୍ୟା ବଢାଇଦେଇଛି। ପ୍ରଶାସନ ଧାନ ସଂଗ୍ରହ ବ୍ୟବସ୍ଥା ଉପରେ କଡା ନଜର ରଖିବାକୁ ଚାଷୀମାନେ ଦାବି କରିଛନ୍ତି।


ସମ୍ବଲପୁରରେ ବସ୍ତାରେ ଥିବା ଧାନ ଭିଜିଯାଇଛି।

## ସମ୍ବଲପୁରୀ ଲେଖକ ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ସମ୍ବଲପୁର,୫।୧୨(ବ୍ୟୁରୋ)

ସମ୍ବଲପୁରୀ ଲେଖକ ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରବିବାର ଜେଲ ଛକସ୍ଥିତ ସମ୍ବଲପୁର କଳାକେନ୍ଦ୍ର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାନେତ୍ରୀ ବିଷ୍ଣୁପ୍ରିୟା ଭୋଇଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷା, ସାହିତ୍ୟ, ସାଂସ୍କୃତିକ ସାଙ୍ଗଠନିକ କାର୍ଯ୍ୟ ଲାଗି ଡ. ଶିବନାରାୟଣ ଶତପଥି ଏବଂ ନାଟକ ଓ ଗୀତ ରଚନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ପ୍ରଫେସର ସୁଦର୍ଶନ ପୂଜାରୀ ମୁଖ୍ୟଅତିଥି ଓ ନାଟ୍ୟ ନିର୍ଦ୍ଦେଶକ ବିପିନ ବିହାରୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

## ଆଇନଜୀବୀ ପ୍ରକାଶ ହରପାଲ ପିସିସି ଲିଗାଲ୍ ସେଲ୍‌ର ଭାଇସ୍ ଚେୟାରପର୍ସନ୍

ଭବାନୀପାଟଣା,(ଡି.ଏନ.ଏ.): କଳାହାଣ୍ଡି ଜିଲାର ଆଇନଜୀବୀ ପ୍ରକାଶ ହରପାଲଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଲିଗାଲ୍ ସେଲ୍‌ର ଭାଇସ୍ ଚେୟାରପର୍ସନ୍ ଭାବେ ମନୋନୀତ କରାଯାଇଛି। ଫଳରେ ଜିଲା କଂଗ୍ରେସ କର୍ମୀ ମହଲରେ ଖୁସିର ଲହରି ଖେଳିଯାଇଛି। ହରପାଲଙ୍କୁ ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲଙ୍କ ଅନୁରୋଧକ୍ରମେ ଅଖିଳ ଭାରତୀୟ କଂଗ୍ରେସ କମିଟି ଏବଂ ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନକ୍ରମେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଲିଗାଲ୍ ସେଲ୍‌ର ଭାଇସ୍ ଚେୟାରପର୍ସନ୍ ଭାବେ ମନୋନୀତ କରାଯାଇଛି। ହରପାଲଙ୍କ ଏହି ନୂତନ ଦାୟିତ୍ୱ ପାଇବା ପରେ ଜିଲା କଂଗ୍ରେସ କମିଟି ସଭାପତି ବେମାଲ, ଦେବୀ ପ୍ରସାଦ ସିନ୍ଦୁର, ପରମାନନ୍ଦ ମାଝି, ମହମ୍ମଦ ସାହେବ ପ୍ରମୁଖ ଅଭିନନ୍ଦ ଜଣାଇଛନ୍ତି।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଅଧାପନ୍ତରିଆ

ପଲମ/ନର୍ଲା,୫।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ଘଁଟମାଲ ପଞ୍ଚାୟତସ୍ଥିତ ଇନ୍ଦ୍ରମାଲରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଅଧାପନ୍ତରିଆ ଭାବେ ପଡିରହିଛି। ଘଁଟମାଲ ପିଚୁ ରାସ୍ତାଠାରୁ ଇନ୍ଦ୍ରମାଲ ଗ୍ରାମ ଯାଏଁ ୧.୭୫ କି.ମି. ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୁକ୍ତ। ଜଣେ ଠିକାଦାର ରାସ୍ତା ନିର୍ମାଣ କରୁଥିବା ବେଳେ ଗ୍ରାମର ଶେଷମୁଣ୍ଡ ଅର୍ଦ୍ଧେକ ଅଂଶ ପିଚୁ ହୋଇଥିବା ବେଳେ ଆରମ୍ଭରୁ ୩୫୦ମି. ରାସ୍ତା ବାକି ପଡିରହିଛି। ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅନୁଦାନରେ ନିର୍ମିତ ଏହି ରାସ୍ତା କାମ ୨୩।୩।୨୦୧୮ରେ ଆରମ୍ଭ ହୋଇ ୨୨।୧।୨୦୨୦ରେ ସମାପ୍ତ ହୋଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। ହେଲେ ବାସ୍ତବରେ ରାସ୍ତା କାମ ଶେଷ ହୋଇନାହିଁ। ଏହି ରାସ୍ତା ବିଷୟରେ କେସିଙ୍ଗା ଆରଡି ଡିଭିଜନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମତାମତ ନେବାରୁ ସେ କହିଲେ ୩୫୦ମିଟର ରାସ୍ତା ନିର୍ମାଣ ନ ହୋଇ ରହିଛି, ତାହା ଉକ୍ତ ଗ୍ରାମର ଜଣେ ବ୍ୟକ୍ତିର ଜମି ହେବା ଯୋଗୁ ରାସ୍ତା କାମ ବାକି ରହିଛି ବୋଲି କହିଥିଲେ।

### ଖଡିଆଳ ସହରରେ ପାଣି ସମସ୍ୟା

ଖଡିଆଳ,୫।୧୨(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ସହରର ୧୩ଟି ୱାର୍ଡରେ ବର୍ଷସାରା ରହିଛି ପାନୀୟ ଜଳ ସମସ୍ୟା। ଖଡିଆଳ ସହରକୁ ସ୍ୱଚ୍ଛ ଓ ବିଶୁଦ୍ଧ ପାଣି ଯୋଗାଇବା ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେଇ କୋଟି କୋଟି ଟଙ୍କା ବ୍ୟୟରେ ତିଖାଳି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରିଛନ୍ତି। ଯାହାକି ଖଡିଆଳ ସହର ସହିତ ପଡୋଶୀ ବଲାଙ୍ଗୀର ଜିଲାକୁ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ଖଡିଆଳ ସହର ତଥା ଅଞ୍ଚଳକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ହେଉଥିଲେ ମଧ୍ୟ ଠିକ ସମୟରେ ପାଣି ପାଇପାରୁ ନାହାନ୍ତି ପିଏଚଡି ଓ ତିଖାଳିରୁ ଠିକ ସମୟରେ ପାଣି ଯୋଗାଣ ହେଉ ନ ଥିବାରୁ ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଫୋନ କଲେ ସ୍ୱିଚ ଅଫ ରହୁଛି। ଫଳରେ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

### ମହାପ୍ରୟାଣ ଶବ ବାହକ ଗାଡ଼ି ଡ୍ରାଇଭର ନିଯୁକ୍ତି ଦାବି

କୋକସରା,୫।୧୨(ଡି.ଏନ.ଏ.): ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ ୨୦୧୭-୧୮ରେ କଳାହାଣ୍ଡି ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମହାପ୍ରୟାଣ ଯୋଜନାରେ ଶବ ବାହକ ଗାଡି ଯୋଗାଇ ଦିଆଯାଇଛି। ହେଲେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବ ବାହକ ଗାଡି ପାଇଁ ନିୟମିତ ଡ୍ରାଇଭର ନିଯୁକ୍ତ ନ ଥିବାରୁ ଭଡ଼ା ଡ୍ରାଇଭରରେ ଚାଲିଛି ଶବ ବାହକ ଗାଡି। ପୂର୍ବରୁ ଯେଉଁ ସରକାରୀ ଡ୍ରାଇଭର ଥିଲେ ତାଙ୍କ ଅବସର ପରେ ଏହି ସମସ୍ୟା ସୃଷ୍ଟି ହୋଇଛି। ଡ୍ରାଇଭର ନ ଥିବା ବେଳେ ଘଣ୍ଟା ଘଣ୍ଟା ଧରି ମୃତଦେହ ନେବାକୁ ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ହେଉଛି। ଶବ ବାହକ ଗାଡିରେ ସରକାରୀ ନିୟମିତ ଡ୍ରାଇଭର ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼. ପ୍ରତାପ ବେହେରାଙ୍କୁ ପଚାରିବାରୁ ବର୍ତ୍ତମାନ ରେଗୁଲାର ଡ୍ରାଇଭର ପାଇଁ କୌଣସି ନିଯୁକ୍ତି ବ୍ୟବସ୍ଥା ନାହିଁ। ଦୈନିକ ମଜୁରିରେ ଡ୍ରାଇଭର ରଖିବା ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜଙ୍କୁ କୁହାଯାଇଛି ବୋଲି କହିଛନ୍ତି।

# ରିଷିଡ଼ା ବାପୁଜୀ ହାଇସ୍କୁଲରେ ଶିକ୍ଷକ ଅଭାବ

କର୍ଲାମୁଣ୍ଡା,୫।୧୨(ଡି.ଏନ.ଏ.)

**ସ୍ମାର୍ଟ ସ୍କୁଲର ବାସ୍ତବ ଚିତ୍ର**
- ଜଣେ ହିନ୍ଦୀ, ଖେଳ ଶିକ୍ଷକରେ ଚାଲିଛି ପାଠପଢ଼ା
- ପ୍ରଧାନ ଶିକ୍ଷକଙ୍କ ସମେତ ବହୁ ଶିକ୍ଷକ ପଦବୀ ଖାଲି




୫-ଟି ମୋ ସରକାର ଅଧୀନରେ ରାଜ୍ୟରେ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଜାରି ରହିଛି। ସ୍ମାର୍ଟ ହାଇସ୍କୁଲରେ ଉନ୍ନତମାନର ଶ୍ରେଣୀଗୃହ, ସୁନ୍ଦର ଫୁଲ ବଗିଚା, ସ୍ମାର୍ଟ କମ୍ପ୍ୟୁଟର ରୁମ୍, ସ୍ମାର୍ଟ ଲାଇବ୍ରେରୀ, ସ୍ମାର୍ଟ ସାଇନ୍ସ ରୁମ୍, ଉନ୍ନତ ଧରଣର ଶୌଚାଳୟ ଆଦି ନିର୍ମାଣ କରାଯାଉଛି। ଫଳରେ ବିଭିନ୍ନ ହାଇସ୍କୁଲଗୁଡ଼ିକ ସ୍ମାର୍ଟ ସ୍କୁଲର ମାନ୍ୟତା ପାଇବା ପରେ ରୂପରେଖ ସମ୍ପୂର୍ଣ୍ଣ ଭାବେ ବଦଳି ଯାଇଛି। ଏଥିପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଅନେକ ସ୍ମାର୍ଟ ହାଇସ୍କୁଲରେ ଆବଶ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ପଦବୀ ଖାଲି ରହିଥିବାରୁ ସ୍ମାର୍ଟ ସ୍କୁଲ ବ୍ୟବସ୍ଥା କେବଳ ପ୍ରହସନ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏଭଳି ସମସ୍ୟା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ସରକାରୀ ବାପୁଜୀ ଉଚ୍ଚବିଦ୍ୟାଳୟରେ ଦେଖିବାକୁ ମିଳିଛି। ଚଳିତବର୍ଷ ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମିଶ୍ରଣ ହେବା ସହିତ ସ୍ମାର୍ଟ ସ୍କୁଲ ମାନ୍ୟତା ପାଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ଭିତ୍ତିଭୂମି ବିକାଶ ପାଇଁ ୪୫ ଲକ୍ଷ ଟଙ୍କା ଅନୁଦାନ ଖର୍ଚ୍ଚ ହୋଇଛି। ହେଲେ ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୧୬୪ଜଣ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ପାଇଁ ୫ଜଣ ଶିକ୍ଷକ ରହିଥିବା ବେଳେ ନବମ ଓ ଦଶମ ଶ୍ରେଣୀର ୧୪୧ଜଣ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ଜଣେ ହିନ୍ଦୀ ଶିକ୍ଷକ ଓ ଜଣେ ଖେଳ ଶିକ୍ଷକ ହିଁ ରହିଛନ୍ତି। ଏପରି ସ୍ଥଳେ ଛାତ୍ରୀଛାତ୍ରଙ୍କୁ କିଭଳି ପାଠପଢା ହେଉଥିବ, ତାହା ସହଜେ ଅନୁମାନ କରାଯାଇ ପାରେ। ସରକାର ଏ ଦିଗରେ ଧ୍ୟାନଦେଇ ପ୍ରଧାନ ଶିକ୍ଷକଙ୍କ ସମେତ ବିଜ୍ଞାନ, ଗଣିତ, କଳା, ସଂସ୍କୃତ, କମ୍ପ୍ୟୁଟର ଶିକ୍ଷକ ପଦବୀଗୁଡିକ ପୂରଣ କରିବା ପାଇଁ ଦାବି ହେଉଛି। ଅନ୍ୟପଟେ ଅଧିକାରୀ ତଥା ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳୁ ନ ଥିବା ଅଭିଭାବକମାନେ କହିଛନ୍ତି।

## ମଣ୍ଡିରେ ଧାନ କ୍ରୟ ନେଇ ପୋଲିସ ପାଖରେ ଫେରାଦ ଚାଷୀ

ଟିଟିଲାଗଡ଼,୫।୧୨(ଡି.ଏନ.ଏ.)

ଟିଟିଲାଗଡ ବ୍ଲକରେ ଅଦ୍ୟାବଧି ଧାନ ମଣ୍ଡି ଆରମ୍ଭ ହୋଇନାହିଁ। ରବିବାର ଟିଟିଲାଗଡ ବ୍ଲକର ଏକମାତ୍ର ମାଥନପଲା ଜଳସେଚନ ଡ୍ୟାମ ବିଜେପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ବିକ୍ରୟ କରୁଥିବା ବିଜେପୁର ଏବଂ ବାଞ୍ଜିପଦର ଅଞ୍ଚଳର ଚାଷୀ ଟିଟିଲାଗଡ ଏସଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀଙ୍କୁ ସହାୟତା ପାଇଁ ନିବେଦନ କରିବା ଚର୍ଚ୍ଚାର ବିଷୟ ହୋଇଛି। ସେମାନଙ୍କ ଧାନ ବିକ୍ରୟ ପାଇଁ ସହାୟତା କରିବାକୁ ସ୍ଥାନୀୟ ପଞ୍ଜୀକୃତ ଜୟ କିଷାନ କୃଷକ ସଂଗଠନ ସଭାପତି ରଜନି ଗଡତିଆ, ସମ୍ପାଦକ ନନ୍ଦ ମହଲା, ଆଇନ ପରାମର୍ଶଦାତା ଉମେଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ଉପଦେଷ୍ଟା ଜଗନ୍ନାଥ ମାଝି ନିବେଦନ କରିଛନ୍ତି। ଧାନ ବିକ୍ରୟ ସମୟରେ କଟନୀ ଛଟନୀ ନେଇ ଚାଷୀ ସେମାନଙ୍କ ପରିଶ୍ରମର ମୂଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଛଡା ଚାଷୀ ମଣ୍ଡିରେ ନିର୍ଯାତିତ ହୋଇ ଶାଗମାଛ ଦରରେ ନିଜ ବର୍ଷକର ଅମଳ ଦଲାଲଙ୍କୁ ବିକିବାକୁ ବାଧ ହେଉଛନ୍ତି। ପୂର୍ବରୁ ଏନେଇ ଟିଟିଲାଗଡ ଉପଖଣ୍ଡ ସମବାୟ ସମିତି ସମୂହ ଉପନିବନ୍ଧକ, ତହସିଲଦାରଙ୍କୁ ଚାଷୀ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ରବିବାର ପୋଲିସଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବଲାଙ୍ଗୀର ଜିଲାପାଳ ତଥା ରାଜ୍ୟ ସରକାର ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ବୁର୍ଡାରେ ହାତୀ ଉପଦ୍ରବ: ୩ ଘର ଭାଙ୍ଗିଲେ, ଫସଲ ନଷ୍ଟ

ଲୋଇସିଂହା,୫।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ନିକଟସ୍ଥ ଜଙ୍ଗଲରୁ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଚାଲି ଆସି ଗାଁ ମୁହାଁ ହେଉଛନ୍ତି। ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସନ୍ଧ୍ୟା ସମୟରେ ବାହାରକୁ ଯିବା ପାଇଁ ନିରାପଦ ମନେ କରୁନାହାନ୍ତି। ହାତୀପଲ ରାତିରେ ଚାଷ ଜମିରେ ପଶି ବ୍ୟାପକ ଫସଲ ଓ ବାଡିବଗିଚାରେ ଥିବା ବିଭିନ୍ନ ଗଛ ଭାଙ୍ଗି ନଷ୍ଟ କରୁଛନ୍ତି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ହାନି ଘଟୁଛି। ଏହାର ସ୍ଥାୟୀ ପ୍ରତିକାର ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଶନିବାର ରାତିରେ ଲୋଇସିଂହା ବନାଞ୍ଚଳ ଅନ୍ତର୍ଗତ ବୁର୍ଡା ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଥିଲା । ହାତୀ ପଲ ଗ୍ରାମର ହରିଜନ ବସ୍ତିରେ ପଶି ୩ ଜଣଙ୍କ ଘର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ବସ୍ତିର ରଷଭ ବାରିକଙ୍କ ରୋଷେଇ ଘର ଭାଙ୍ଗି ଦେଇଛି। ଭିତର ବଖରାରେ ସପରିବାର ଶୋଇଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ଗହଳ ଛତ୍ରିଆଙ୍କ ଘରର ଆଜବେଷ୍ଟସ ଓ ଶୋଭା ନନ୍ଦଙ୍କ ଘରର ଛପର ଭାଙ୍ଗି ଦେଇଛି। ସେହି ବସ୍ତିର ରାମକୃଷ୍ଣ ଛତ୍ରିଆଙ୍କ ଘର କବାଟ ଭାଙ୍ଗିବା ସହ ବାଡିରେ ଥିବା ଗଛ ଖାଇ ଯାଇଛି। ଏହାବାଦ ହରିଜନ ବସ୍ତି ସଂଲଗ୍ନ ଏକ ଖାଲରେ ଥିବା ଶ୍ରୀବତ୍ସ ସାହୁ ଓ ଆଉ କେତେଜଣ ଚାଷୀଙ୍କ ଧାନ ନଷ୍ଟ କରିଛି। ବନ୍ଧଲି ଓ କଲାସୀ ନାଳ ନିକଟରେ ଥିବା ଗୋପାଳ କଲେତ, ସାନନ୍ଦ ନନ୍ଦ, ବିଦେଶୀ ସାହୁ, ଶିବସାହୁ, ତରଣୀ ସାହୁ, ବୃନ୍ଦାବନ କଲେତ, ମୋହନ ବିଶିଙ୍କ ଚାଷଜମିରେ ପଶି ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବୁଢୀପଦର ଗାଁର ଗଣେଶ ପଧାନଙ୍କ ଖେତକୁ ମାଡି ନଷ୍ଟ କରିଛନ୍ତି। ଫରେଷ୍ଟ ଠଣସୁନ୍ଦର ଧରୁଆ କହିଛନ୍ତି ଶନିବାର ରାତି ପ୍ରାୟ ୧୧ଟା ସମୟରେ ପାଟ୍ରୋଲିଂ ବେଳେ ହାତୀପଲ ବୁର୍ଡା-ଲୁହୁରାପାଲି ମଧ ଭାଗରେ ରହିଥିବା ଏକ ଇଟା ଫ୍ୟାକ୍ଟ୍ରି ନିକଟକୁ ଚାଲି ଆସିଥିବା ଜଣା ପଡିଥିଲା। ପାଟ୍ରୋଲିଂ ଦଳ ସେଠାରେ ରାତ୍ରି ଜଗୁଆଳି ଭାବେ କାମ କରୁଥିବା ଲୁହୁରାଲି ଗାଁର ୨ ଜଣଙ୍କୁ ଉଦ୍ଧାର କରି ଘରକୁ ପଠାଇବା ବ୍ୟବସ୍ଥା କରିଥିଲେ। ଉଲ୍ଲେଖଯୋଗ୍ୟ, ଶନିବାର ଲୋଇସିଂହା ବନ ରେଞ୍ଜ କଦଳୀପାଲି ଗାଁ ସୀମାନ୍ତ ବସଲାଟ ଗାଁ ନିକଟରୁ ଏକ ମାଈହାତୀର ମୃତ ଦେହ ଠାବ କରାଯାଇଥିଲା। ଏହାପରେ ୩୩ ଜଣିଆ ହାତୀ ପଲ ଭାଗ ଭାଗ ହୋଇ ବିଭିନ୍ନ ଅଞ୍ଚଳରେ ଉପଦ୍ରବ କରୁଛନ୍ତି।

# ମଣ୍ଡିରେ ଭିଜୁଛି ଧାନ, ଚିନ୍ତାରେ ଚାଷୀ

କୋକସରା,୫।୧୨(ଡି.ଏନ.ଏ.)


ବାତ୍ୟା 'ଜୱାଦ' ପ୍ରଭାବ ବର୍ଷାରେ ଧାନ ଭିଜୁଛି।

ବାତ୍ୟା 'ଜୱାଦ' ପ୍ରଭାବରେ କଳାହାଣ୍ଡି ଜିଲାରେ ଶନିବାରଠୁ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ହେଉଛି। ଫଳରେ ଜିଲାର କୋକସରା ବ୍ଲକ ଆମପାଣି ପ୍ୟାକ୍ସ ଅଧୀନରେ ଥିବା କାଉଡୋଳା ଉପମଣ୍ଡିରେ ଖୋଲା ଆକାଶ ତଳେ ପଡିଥିବା ଶହ ଶହ କୁଇଣ୍ଟାଲ ଧାନ ଭିଜୁଥିବା ଦେଖିବାକୁ ମିଳିଛି। ଚାଷୀ ସୁରକ୍ଷିତ ରଖିବା ପାଇଁ ପାଲ ଓ ତାରପୋଲିଂ ଢାଙ୍କି ରଖିଛନ୍ତି। ତଥାପି ବର୍ଷା ଯୋଗୁ ଧାନ ଗଦା ନିକଟରେ ପାଣି ଜମି ରହୁଥିବାରୁ ଚାଷୀ ବର୍ଷା ପାଣି ନିଷ୍କାସନ କରିବାରେ ଲାଗିଛନ୍ତି। କାଉଡୋଳା ଉପମଣ୍ଡି ଅଧୀନରେ କାଉଡୋଳା, ବଡ଼କେନ୍ଦୁଗୁଡା, କୁସୁମଖୁଣ୍ଟି, ମହାଜନଗୁଡା, ବାଞ୍ଜିବାହାଲ, କୁମୁଡାମୁଣ୍ଡା ଗ୍ରାମ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। ଏହି ମଣ୍ଡି ପାଇଁ ଚାଷୀମାନେ ଧାନ ରଖିବା ପାଇଁ ସେଡ଼ ଓ ଅନ୍ୟାନ୍ୟ ବ୍ୟବସ୍ଥା କରିବାକୁ ଦାବି କରି ଆସୁଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆନୁସଙ୍ଗିକ ବ୍ୟବସ୍ଥା ହୋଇନାହିଁ। ଏହି ମଣ୍ଡିରେ ୮ ଚାଷୀଙ୍କ ୩୮୩ କୁଇଣ୍ଟାଲ ଧାନ ସହ ଅନ୍ୟ ଚାଷୀଙ୍କ ପ୍ରାୟ ୧୦୦୦ କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡିରହିଛି। ମୁଖୀଗୁଡା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଧାନକୁ ଘୋଡାଇବା ପାଇଁ କିଛି ତାରପୋଲିଂ ଚାଷୀଙ୍କୁ ଦିଆଯାଇଛି। ଏ ନେଇ କାଉଡୋଳା ମଣ୍ଡି ପ୍ୟାକ୍ସ ସମ୍ପାଦକ ବିକାଶ ପଣ୍ଡାଙ୍କୁ ପଚାରିବାରୁ ଟୋକନ ପାଇଥିବା ସମସ୍ତ ଚାଷୀଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି ବୋଲି କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

## ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ବିନ୍ଦୁ ମହାନନ୍ଦ ସମ୍ବର୍ଦ୍ଧିତ

ଭବାନୀପାଟଣା/ଗୋଲାମୁଣ୍ଡା, ୫।୧୨(ସ୍ୱ.ପ୍ର./ଡି.ଏନ.ଏ.)

ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଦୁର୍ନୀତି ବିରୋଧୀ ମହାସଂଘ ଆବାହକ କଳାହାଣ୍ଡି ଜିଲାର ବିନ୍ଦୁ ମହାନନ୍ଦଙ୍କୁ ରବିବାର ଭୁବନେଶ୍ୱରସ୍ଥିତ ଅମ୍ରପାଲି ରିସର୍ଟଠାରେ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ମହାନନ୍ଦ ଦୀର୍ଘ ବର୍ଷ ଧରି ଦୁର୍ନୀତି ଓ ଲାଞ୍ଚ କାରବାରକୁ ବିରୋଧ କରି ଆସୁଛନ୍ତି। ସେ କଳାହାଣ୍ଡି ଜିଲା ଓ ଜିଲା ବାହାରେ ମଧ ଦୁର୍ନୀତି ବିରୋଧରେ ଲଢେଇ କରି ଆସୁଛନ୍ତି। ଏହି ସବୁ କାର୍ଯ୍ୟକଳାପ ପାଇଁ ତାଙ୍କୁ ଓସାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ଓସାର ବରିଷ୍ଠ ସଭ୍ୟ ତଥା ରାଜ୍ୟର ପ୍ରଥମ ଲୋକାୟୁକ୍ତ ଅଭିଯୋଗକାରୀ ଶ୍ରୀକାନ୍ତ ପାକଳ, ଓସାର ଆଇନ ପରାମର୍ଶଦାତା ସୁଧିର ମହାନ୍ତି ଓ ଅନ୍ୟାନ୍ୟ ଆଇନଜୀବୀ ତଥା ଦୁର୍ନୀତି ବିରୋଧରେ ଲଢେଇ କରୁଥିବା ବ୍ୟକ୍ତି ବିଶେଷ ବିଚାର ମାଧ୍ୟମରେ ନିଷ୍ପତ୍ତି ଗ୍ରହଣ କରି ଓସାର ଦ୍ୱାଦଶ ରାଜ୍ୟ ସମ୍ମିଳନୀରେ ମହାନନ୍ଦଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ୩ଦିନ ଧରି ଚାଲିଥିବା ସମ୍ମିଳନୀରେ ରାଜ୍ୟ ମୁଖ୍ୟ ସୂଚନା କମିଶନ ଜଲାଦ ତ୍ରିପାଠୀ, ପୂର୍ବତନ ରାଜ୍ୟ ମୁଖ୍ୟ ସୂଚନା କମିଶନ ସୁନିଲ ମିଶ୍ର, ପୂର୍ବତନ କେନ୍ଦ୍ର ସୂଚନା କମିଶନ ଶ୍ରୀଧର ଆଚାରୟୁଲୁ, ବରିଷ୍ଠ ସାମ୍ବାଦିକ ରବି ଦାସ ଓ ସତ୍ୟ ନାରାୟଣ ନାୟକ, ବରିଷ୍ଠ ଆଇନଜୀବୀ ଚିତ୍ତ ବେହେରା ଏବଂ ଓସାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଯୋଗଦାନ ଦେଇଥିଲେ।

# ଜୈବିକ କୃଷିକୁ ପ୍ରୋତ୍ସାହିତ ପାଇଁ ଆହ୍ୱାନ



ଜିଲାସ୍ତରୀୟ ମୃତ୍ତିକା ଦିବସରେ ଉପସ୍ଥିତ ଅତିଥି ବୃନ୍ଦ।

ନୂଆପଡ଼ା ଅଫିସ,୫।୧୨

**ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ**

ନୂଆପଡା ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳଠାରେ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ସହକାରୀ କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ଜିଲା ମୁଖ୍ୟ କୃଷି ଅଧିକାରୀ ନିରଞ୍ଜନ ଦାସ, ନୂଆପଡା କୃଷି ବିଜ୍ଞାନ କେନ୍ଦ୍ର ପ୍ରକଳ୍ପ ସଂଯୋଜକ ସ୍ୱାଗତିକା ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲା ୨୦ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବା ସହିତ ଏହି କାର୍ଡର ଉପକାରିତା, ବିଶେଷ କରି ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା, ମୃତ୍ତିକାର ଆବଶ୍ୟକତା ଅନୁଯାୟୀ ସାର ପ୍ରୟୋଗ କରି ଚାଷ କରିବା ଉପରେ ଆଲୋକପାତ କରିଥିଲେ। ଜିଲାରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ସହ ମୁକାବିଲା କରିବାକୁ ହେଲେ ଅଧିକରୁ ଅଧିକ ଜୈବିକ କୃଷି ଉପରେ ନିର୍ଭରଶିଳ ହେବା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ମାଝି ଜିଲାରେ ଜୈବିକ କୃଷିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଜିଲାର ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ନୂଆପଡା ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁବାଷ ଚନ୍ଦ୍ର ସରାଫ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ କ୍ଷୀରୋଦ କୁମାର ବିଶ୍ୱାଳ, ଜଳ ବିଭାଜିକା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ, ଉଠାଜଳ ସେଚନ ନିଗମ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପଟ୍ଟନାୟକ ଓ ଜିଲାର ବିଭିନ୍ନ ସ୍ଥାନରୁ ଚାଷୀମାନେ ଉପସ୍ଥିତ ଥିଲେ।

## ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ: ଗାଇବାହାଲ ଚାମ୍ପିୟନ

ଦେଓଗାଁ,୫।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରେଲୱେ ଖେଳପଡିଆରେ ରବିବାର ଉଡାର ଆମ୍ବେଡକର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗାଇବାହାଲ ଓ କୁଠୁର୍ଲା ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା । ଏଥିରେ ଗାଇବାହାଲ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଆନନ୍ଦ ବିଶ୍ୱାଳ, ସଂକୀର୍ତ୍ତନ ସାହୁ ଓ ବିଘ୍ନରାଜ ପ୍ରଧାନ ଖେଳ ପରିଚାଳନା କରିଥିଲେ। ବୁଲୁ ପ୍ରଧାନ ଓ ଅମିତ ନାଗ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଟିକେଶ୍ୱର ଛତ୍ରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଦୀପ ଛତ୍ରିଆ ଯୋଗଦେଇ ଚାମ୍ପିୟାନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରକାଶ ନନ୍ଦ ଯୋଗଦେଇ ଟର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟକୁ ବିକି ଛତ୍ରିଆ, ସିଦ୍ଧାର୍ଥ ନନ୍ଦ, ଅନାଦି ଛତ୍ରିଆ, ସରୋଜ ନନ୍ଦ, ମନ ନନ୍ଦ, ବରୁଣ ନନ୍ଦ, ନିରୋଜ ଛତ୍ରିଆ, ଠକ ନନ୍ଦ, ମାନସ ନନ୍ଦ, ଗଣେଶ ଛତ୍ରିଆ ସହଯୋଗ କରିଥିଲେ ।

## କୃଷି ମହାବିଦ୍ୟାଳୟ ପକ୍ଷରୁ କୃଷି ଶିକ୍ଷା ଦିବସ ପାଳନ

ଭବାନୀପାଟଣା,୫।୧୨(ଡି.ଏନ.ଏ.)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଦ୍ୱାରା ପରିଚାଳିତ ଭବାନୀପାଟଣା କୃଷି ମହାବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଶାସ୍ତ୍ରୀଜୀ ମହିଳା ବିଜ୍ଞାନ ମହାବିଦ୍ୟାଳୟଠାରେ 'କୃଷି ଶିକ୍ଷା ଦିବସ' ପାଳିତ ହୋଇଛି। କଳାହାଣ୍ଡି କୃଷି ମହାବିଦ୍ୟାଳୟ ଡିନ୍ ଡ. ଚିନ୍ତାମଣୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ଚେୟାରପର୍ସନ ନମିତା ସାହୁ ଓ କୃଷି ମହାବିଦ୍ୟାଳୟ ଡ. ଉତ୍ତମ କୁମାର ବେହେରା, ଡ. ବିଶ୍ୱଜିତ୍ ସିହ୍ନା, ଡ. ଶିମିଲି ଦାସ, ତେଜସ୍ୱିନୀ ମାଝି, ମଧୁଛନ୍ଦା କିଶାନ, ଡ. ବଳଭଦ୍ର ପ୍ରସାଦ ଗନ୍ତାୟତ, ଡ. ଦେବାଶିଷ ବେହେରା, ଡ. ରାଜେନ୍ଦ୍ର କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। କୃଷି ମହାବିଦ୍ୟାଳୟ ଡ. ଶିମିଲି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଭବାନୀପାଟଣା କୃଷି ମହାବିଦ୍ୟାଳୟ ଡିନ୍ ଡ. ଚିନ୍ତାମଣୀ ପଣ୍ଡା ଦେଶର କୃଷି କର୍ମରେ ମହିଳାମାନଙ୍କ ଯୋଗଦାନ ଉଲ୍ଲେଖନୀୟ ଓ ସମ୍ପ୍ରତି ବହୁ ଛାତ୍ରୀ କୃଷି ବିଜ୍ଞାନ ଶିକ୍ଷାଲାଭ ପାଇଁ ଆଗ୍ରହୀ ଥିବା ଦେଖାଯାଉଛି ବୋଲି ପ୍ରକାଶ କରିବା ସହ ଆଗାମୀ ଶିକ୍ଷାବର୍ଷରେ ଏହି ମହାବିଦ୍ୟାଳୟର କିଛି ଛାତ୍ରୀ ନିଶ୍ଚୟ କୃଷି ମହାବିଦ୍ୟାଳୟରେ ନାମ ଲେଖାଇବେ ବୋଲି ପ୍ରକାଶ କରିଥିଲେ। ଏହି ଦିବସ ଉପଲକ୍ଷେ କୃଷି ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ରଶ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ସେହି ମହାବିଦ୍ୟାଳୟର ଦକ୍ଷ ସାହୁ ଓ ଅନ୍ୟାନ୍ୟ ସହକର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫୁଟବଲ ଟୁର୍ନାମେଣ୍ଟ: ମୁରସିଂ ଚାମ୍ପିୟନ

ଦେଓଗାଁ,୫।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଚନ୍ଦ୍ରପୁର ଖେଳପଡିଆରେ ରବିବାର ସର୍ଜନଭୋଇ ସ୍ମାରକୀ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରପୁର ବୁଢ଼ିଆଇ ଫୁଟବଲ ଆସୋସିଏଶନ ସହଯୋଗରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ମୁରସିଂ ଓ ଶିରାବାହାଲ ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଖେଳ ଅମୀମାଂଶିତ ରହିବାରୁ ଟାଇବ୍ରେକର ଜରିଆରେ ମୁରସିଂ ଦଳ ୫-୧ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ସର୍ଜନ କୁଦେଇ,ଉମାଶଙ୍କର ନାଏକ ଓ ସୂର୍ଯ୍ୟପ୍ରକାଶ ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ପ୍ରଭାତ କୁମାର ମହାନନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗୀ ଭୋଇ,ସମ୍ମାନିତ ଅତିଥି ଭାବେ ବଷ୍ଟି ଭୋଇ, ସର୍ଜନ ସାହୁ, ରାଜିନ୍ଦ୍ର ନାଏକ, ଗୁଲାପ ନାଏକ, ରାଜୀବ ଦୀପ, ବୁଲୁ ହରପାଲ ପ୍ରମୁଖ ଉପସ୍ଥିତ ଥିଲେ।


ଫୁଟବଲ ଫାଇନାଲରେ ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# ଝଙ୍କଡ଼ ପାଇକ ସମାଜର ଜିଲାସ୍ତରୀୟ ମହାସମାବେଶ

ଜୁନାଗଡ,୫।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଚିଚିଗୁଡା ପଞ୍ଚାୟତ ନୂଆଗୁଡାରେ ରବିବାର ଝଙ୍କଡ ପାଇକ ସମାଜର ୪୪ତମ ଜିଲାସ୍ତରୀୟ ମହାସମାବେଶ କୋଭିଡ୍ ଗାଇଡ୍ ଲାଇନରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ସମାଜର ପ୍ରତୀକ ଭାବେ ଖଣ୍ଡା ଧରି ଗ୍ରାମ ପରିକ୍ରମା କରାଯାଇଥିଲା। ନୂଆଗୁଡା ଝଙ୍କଡ ପାଇକ ସମାଜ ପକ୍ଷରୁ ଅନୁଷ୍ଠିତ ସମାବେଶରେ କଳାହାଣ୍ଡି ଜିଲା ସମେତ ପଡୋଶୀ ନୂଆପଡା, ନବରଙ୍ଗପୁର ଜିଲାର ଅନେକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଜିଲା ସଭାପତି ଟଙ୍କଧର ନାଏକ ଅଧ୍ୟକ୍ଷତା କରିଥିବାବେଳେ ଜିଲା ସମ୍ପାଦକ ଜିତେନ୍ଦ୍ର ପୂଝାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସମାଜର ବିଭିନ୍ନ ଦିଗ ଓ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ସେହିପରି ସମାଜର କାର୍ଯ୍ୟକର୍ତ୍ତା ସଙ୍ଗଠନକୁ ମଜଭୁଥ୍ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ପୁରାତନ କମିଟି କାର୍ଯ୍ୟକାଳ ଶେଷ ହୋଇଥିବାରୁ ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ବୃଷଭ ରାଉତ, ସମ୍ପାଦକ ଭାବେ ରାହାସ କାନ୍ତ ରାଉତ ମନୋନୀତ ହୋଇଛନ୍ତି। ସେହିପରି ଉପରୋକ୍ତ ଜିଲାର ପ୍ରତି ଗ୍ରାମରୁ ସମାଜର ଜଣେ ଲେଖାଁଏ କେନ୍ଦ୍ର କମିଟିରେ ସଭ୍ୟ ଭାବେ ମନୋନୀତ ହୋଇଥିଲେ। ଆସନ୍ତା ବର୍ଷ ନୂଆପଡା ଜିଲା କେରାପଦର ଗ୍ରାମରେ ମହସଭା ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଛି। ସମାଜ ଭବନ ନିର୍ମାଣ ପାଇଁ ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଗ୍ରାମର ରାହାସ ରାଉତ ୫ ଡେସମିଲ ସ୍ଥାନ ପ୍ରଦାନ କରିବା ପାଇଁ ସମାବେଶରେ ଘୋଷଣା କରିଥିଲେ। ଏହାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତା ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ପୂର୍ବତନ ସଙ୍ଗଠନ ସଭାପତି ଟଙ୍କଧର ନାଏକ ସଭା ପରିଚାଳନା କରିଥିବା ବେଳେ ପ୍ରଶାନ୍ତ କୁମାର ବିଷି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ନୂଆଗୁଡା ଗ୍ରାମ୍ୟ କମିଟି ସଭାପତି ଜହ୍ଲୁ ବିଷି ସମାଜ ଉପରେ ଏକ ସ୍ୱାଗତ କବିତା ପାଠ କରିଥିବାବେଳେ ସମ୍ପାଦକ ମକରଧ୍ୱଜ ନାଏକ, ଉପେନ୍ଦ୍ର ବିଷି, କାମଦେବ ନାଏକ, କୁମୁଦ ବିଷି, କୌତୁକ ନାଏକ ପ୍ରମୁଖ ସହଯୋଗ କରିଥିଲେ।


ଝଙ୍କଡ଼ ପାଇକ ସାମଜର ପ୍ରତୀକ ଖଣ୍ଡା ଧରି ଗ୍ରାମ ପରିକ୍ରମା କରାଯାଉଛି।

**ସଙ୍ଗଠନକୁ ମଜଭୁଥ୍ ପାଇଁ ଆହ୍ୱାନ**

**ଆଇନଜୀବୀ ପ୍ରକାଶ ହରପାଲ ପିସିସି ଲିଗାଲ୍ ସେଲର ଭାଇସ୍ ଚେୟାରପର୍ସନ୍**

ଭବାନୀପାଟଣା,(ଡି.ଏନ.ଏ.): କଳାହାଣ୍ଡି ଜିଲାର ଆଇନଜୀବୀ ପ୍ରକାଶ ହରପାଲଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଲିଗାଲ୍ ସେଲ୍‌ର ଭାଇସ୍ ଚେୟାରପର୍ସନ୍ ଭାବେ ମନୋନୀତ କରାଯାଇଛି। ଫଳରେ ଜିଲା କଂଗ୍ରେସ କର୍ମୀ ମହଲରେ ଖୁସିର ଲହରି ଖେଳିଯାଇଛି। ହରପାଲଙ୍କୁ ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲଙ୍କ ଅନୁରୋଧକ୍ରମେ ଅଖିଳ ଭାରତୀୟ କଂଗ୍ରେସ କମିଟି ଏବଂ ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନକ୍ରମେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଲିଗାଲ୍ ସେଲ୍‌ର ଭାଇସ୍ ଚେୟାରପର୍ସନ୍ ଭାବେ ମନୋନୀତ କରାଯାଇଛି। ହରପାଲଙ୍କ ଏହି ନୂତନ ଦାୟିତ୍ୱ ପାଇବା ପରେ ଜିଲା କଂଗ୍ରେସ କମିଟି ସଭାପତି ବେମାଲ, ଦେବୀ ପ୍ରସାଦ ସିନ୍ଦୁର, ପରମାନନ୍ଦ ମାଝି, ମହମ୍ମଦ ସାହେବ ପ୍ରମୁଖ ଅଭିନନ୍ଦ ଜଣାଇଛନ୍ତି।

## ସଂକ୍ଷେପରେ

### କ୍ରିକେଟ ଟୁର୍ନାମେଣ୍ଟ: ନୂଆଁପାଲି ଚାମ୍ପିୟନ

ଘଣ୍ଟାପଡା,୫।୧୨(ଡି.ଏନ.ଏ.): କନ୍ଧମାଳ ବ୍ଲକ କୁଲୁତାଯୋର ପଞ୍ଚାୟତ ବରପଦର ଖେଳପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ କୁମ୍ଭାରମୁଣ୍ଡା ଓ ନୂଆଁପାଲି ଦଳ ମଧରେ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳରେ ନୂଆଁପାଲି ଦଳ ବିଜୟୀ ହୋଇଥିଲେ । ମନସିଂ ରଣା ଓ ସୁବନ ରଣା ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷାବିତ୍ ନୀଳାଞ୍ଚଳ ଭୋଇ ମୁଖ୍ୟଅତିଥି ଓ ବିଜେଡି ଯୁବନେତା ସୁଧାଂଶୁ ରଣା, ଦୟାସାଗର, ଗୌର ଝାଙ୍କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଁପାଲି ଦଳର ଖେଳାଳି ଦେବେନ୍ଦ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ସରୋଜଙ୍କୁ ମ୍ୟାନ ଅଫ ଦି ସିରିଜ ଏବଂ ନୂଆଁପାଲି ଦଳକୁ ଚାମ୍ପିୟାନ ଓ କୁମ୍ଭାରମୁଣ୍ଡା ଦଳକୁ ଉପ ବିଜେତା ଭାବେ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ଅର୍ଥରାଶି ଦିଆଯାଇ ପୁରସ୍କୃତ କରାଯାଇଥିଲା । ବରପଦର କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସଭାପତି ହିମାଂଶୁ ରଣା ଏବଂ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

### ଆଜାଦୀ କା ଅମୃତ ମହୋତ୍ସବ ପାଳିତ

ପାଇକମାଳ, ୫।୧୨(ଡି.ଏନ.ଏ): ଆଜାଦୀ କା ଅମଅତ ମହୋତ୍ସବ ଉପଲକ୍ଷେ ପାଇକମାଳ ୧୮୯ ସିଆରପିଏଫ ବାଟାଲିୟନ ତରଫରୁ କ୍ୟାମ୍ପ ପରିସରରେ ରବିବାର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାମାଣ୍ଡାଣ୍ଟ ପବନ କୁମାର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନିନା ଶର୍ମା ଖେଳକୁ ଉଦ୍‌ଘାଟନ କରିଥିଲେ। ମାତୃନିକେତନର ୨୦ଜଣ ଛାତ୍ରୀଛାତ୍ର ଯୋଗଦେଇ ଖେଳରେ ଭାଗ ନେଇଥିଲେ। ସିଆରପିଏଫ ତରଫରୁ ଭଲିବଲ ଖେଳ ପ୍ରର୍ଦଶନ କରାଯାଇଥିଲା। ମାତଅନିକେତନର ଅଧକ୍ଷ ନିର୍ମଳ ଗିରି, ସୁରଭି ବାରିକ, ବଡ ସତପଥୀ ସହଯୋଗ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନିନା ମାତୃନିକେତନର ଛାତ୍ରୀଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ଇନ୍ସପେକ୍ଟର ସନ୍ତୋଷ ତୋମର ଧନ୍ୟବାଦ ଅର୍ପଣ କରିଥିଲେ।

### ଯାଦବ ସମାଜ ବୈଠକ

ଜାମଟିକ୍ରା,୫।୧୨(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ କ୍ଷୀରାପାଲି ଗ୍ରାମରେ ରବିବାର ଯାଦବ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଦବ ସମାଜ ପଞ୍ଚାୟତ ସଭାପତି ତୀର୍ଥବାସୀ ପୋଢ ଅଧକ୍ଷତା କରିଥିଲେ। ବୈଠକରେ ସମାଜର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଦିଗ ଉପରେ ଆଲୋଚନା କରାଯାଇଥିଲା। ଶ୍ରୀପତି ବାଗ, ତେଜରାମ ମହାର, ସାଗର ଧରେଇ, ନୀଳାକାର ଭୋଇ, ଦେବରାଜ ଭୋଇ, କେଶବ ପୋଢ, ଦୁର୍ଯୋଧନ କାଣ୍ଡ, ବିଶ୍ୱନାଥ କାଣ୍ଡ, ଆଶିଷ କଠାର, ଶିବ ବାଗ, ଗୁଣନିଧି ବର୍ଗର୍ତ୍ତି, ଭୁବନେଶ୍ୱର ବାଗ, ମହିପାଳ ବାଗ, ରାଧାଶ୍ୟାମ ପୋଢ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

### କୃଷକ ସଙ୍ଗଠନ ବୈଠକ

ଜାମଟିକ୍ରା,୫।୧୨(ଡି.ଏନ.ଏ.): ଅତାବିରା ମାର୍କେଟ ପ୍ରାଙ୍ଗଣରେ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଙ୍ଗଠନ ସମ୍ପାଦକ ସୁବାଷ ବିଶ୍ୱାଳ, କୀର୍ତ୍ତନ ବିଶ୍ୱାଳ, ସୀତାରାମ ସାହୁ, ବୁଦ୍ଧଦେବ ନନ୍ଦ, ସୁରେନ୍ଦ୍ର ସ୍ୱାଇଁ, ଅରୁଣ ପଧାନ, ନରେନ୍ଦ୍ର ଭୋଇ, ଦଶରଥ ଭୋଇ, ଭୁବନ ପଧାନ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ମଣ୍ଡିରେ ଧାନ ପ୍ୟାକେଟ ପିଛା ୧ କିଲୋ କଟନିଛଟନି କରାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ।

# ରିଷିଡ଼ା ବାପୁଜୀ ହାଇସ୍କୁଲରେ ଶିକ୍ଷକ ଅଭାବ

କର୍ଲାମୁଣ୍ଡା,୫।୧୨(ଡି.ଏନ.ଏ.)

**ସ୍ମାର୍ଟ ସ୍କୁଲର ବାସ୍ତବ ଚିତ୍ର**

- ଜଣେ ହିନ୍ଦୀ, ଖେଳ ଶିକ୍ଷକରେ ଚାଲିଛି ପାଠପଢ଼ା
- ପ୍ରଧାନ ଶିକ୍ଷକଙ୍କ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷକ ପଦବୀ ଖାଲି




୫-ଟି ମୋ ସରକାର ଅଧୀନରେ ରାଜ୍ୟରେ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଜାରି ରହିଛି। ସ୍ମାର୍ଟ ହାଇସ୍କୁଲରେ ଉନ୍ନତମାନର ଶ୍ରେଣୀଗୃହ, ସୁନ୍ଦର ଫୁଲ ବଗିଚା, ସ୍ମାର୍ଟ କମ୍ପ୍ୟୁଟର ରୁମ୍, ସ୍ମାର୍ଟ ଲାଇବ୍ରେରୀ, ସ୍ମାର୍ଟ ସାଇନ୍ସ ରୁମ୍, ଉନ୍ନତ ଧରଣର ଶୌଚାଳୟ ଆଦି ନିର୍ମାଣ କରାଯାଉଛି। ଫଳରେ ବିଭିନ୍ନ ହାଇସ୍କୁଲଗୁଡ଼ିକ ସ୍ମାର୍ଟ ସ୍କୁଲର ମାନ୍ୟତା ପାଇବା ପରେ ରୂପରେଖ ସମ୍ପୂର୍ଣ୍ଣ ଭାବେ ବଦଳି ଯାଇଛି। ଏଥିପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଅନେକ ସ୍ମାର୍ଟ ହାଇସ୍କୁଲରେ ଆବଶ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ପଦବୀ ଖାଲି ରହିଥିବାରୁ ସ୍ମାର୍ଟ ସ୍କୁଲ ବ୍ୟବସ୍ଥା କେବଳ ପ୍ରହସନ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏଭଳି ସମସ୍ୟା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ସରକାରୀ ବାପୁଜୀ ଉଚ୍ଚବିଦ୍ୟାଳୟରେ ଦେଖିବାକୁ ମିଳିଛି। ଚଳିତବର୍ଷ ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମିଶ୍ରଣ ହେବା ସହିତ ସ୍ମାର୍ଟ ସ୍କୁଲ ମାନ୍ୟତା ପାଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ଭିତ୍ତିଭୂମି ବିକାଶ ପାଇଁ ୪୫ ଲକ୍ଷ ଟଙ୍କା ଅନୁଦାନ ଖର୍ଚ୍ଚ ହୋଇଛି। ହେଲେ ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୧୬୪ଜଣ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ପାଇଁ ୫ଜଣ ଶିକ୍ଷକ ରହିଥିବା ବେଳେ ନବମ ଓ ଦଶମ ଶ୍ରେଣୀର ୧୪୧ଜଣ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ଜଣେ ହିନ୍ଦୀ ଶିକ୍ଷକ ଓ ଜଣେ ଖେଳ ଶିକ୍ଷକ ହିଁ ରହିଛନ୍ତି। ଏପରି ସ୍ଥଳେ ଛାତ୍ରୀଛାତ୍ରଙ୍କୁ କିଭଳି ପାଠପଢା ହେଉଥିବ, ତାହା ସହଜେ ଅନୁମାନ କରାଯାଇ ପାରେ। ସରକାର ଏ ଦିଗରେ ଧ୍ୟାନଦେଇ ପ୍ରଧାନ ଶିକ୍ଷକଙ୍କ ସମେତ ବିଜ୍ଞାନ, ଗଣିତ, କଳା, ସଂସ୍କୃତ, କମ୍ପ୍ୟୁଟର ଶିକ୍ଷକ ପଦବୀଗୁଡିକ ପୂରଣ କରିବା ପାଇଁ ଦାବି ହେଉଛି। ଅନ୍ୟପଟେ ଅଧିକାରୀ ତଥା ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳୁ ନ ଥିବା ଅଭିଭାବକମାନେ କହିଛନ୍ତି।

# ମଣ୍ଡିରେ ଧାନ କ୍ରୟ ନେଇ ପୋଲିସ ପାଖରେ ଫେରାଦ ଚାଷୀ

ଟିଟିଲାଗଡ଼,୫।୧୨(ଡି.ଏନ.ଏ.)

ଟିଟିଲାଗଡ ବ୍ଲକରେ ଅଦ୍ୟାବଧି ଧାନ ମଣ୍ଡି ଆରମ୍ଭ ହୋଇନାହିଁ। ରବିବାର ଟିଟିଲାଗଡ ବ୍ଲକର ଏକମାତ୍ର ମାଥନପଲା ଜଳସେଚନ ଡ୍ୟାମ ବିଜେପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ବିକ୍ରୟ କରୁଥିବା ବିଜେପୁର ଏବଂ ବାଞ୍ଜିପଦର ଅଞ୍ଚଳର ଚାଷୀ ଟିଟିଲାଗଡ ଏସଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀଙ୍କୁ ସହାୟତା ପାଇଁ ନିବେଦନ କରିବା ଚର୍ଚ୍ଚାର ବିଷୟ ହୋଇଛି। ସେମାନଙ୍କ ଧାନ ବିକ୍ରୟ ପାଇଁ ସହାୟତା କରିବାକୁ ସ୍ଥାନୀୟ ପଞ୍ଜୀକୃତ ଜୟ କିଷାନ କୃଷକ ସଂଗଠନ ସଭାପତି ରଜନି ଗଡତିଆ, ସମ୍ପାଦକ ନନ୍ଦ ମହଲା, ଆଇନ ପରାମର୍ଶଦାତା ଉମେଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ଉପଦେଷ୍ଟା ଜଗନ୍ନାଥ ମାଝି ନିବେଦନ କରିଛନ୍ତି। ଧାନ ବିକ୍ରୟ ସମୟରେ କଟନୀ ଛଟନୀ ନେଇ ଚାଷୀ ସେମାନଙ୍କ ପରିଶ୍ରମର ମୂଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଛଡା ଚାଷୀ ମଣ୍ଡିରେ ନିର୍ଯାତିତ ହୋଇ ଶାଗମାଛ ଦରରେ ନିଜ ବର୍ଷକର ଅମଳ ଦଲାଲଙ୍କୁ ବିକିବାକୁ ବାଧ ହେଉଛନ୍ତି। ପୂର୍ବରୁ ଏନେଇ ଟିଟିଲାଗଡ ଉପଖଣ୍ଡ ସମବାୟ ସମିତି ସମୂହ ଉପନିବନ୍ଧକ, ତହସିଲଦାରଙ୍କୁ ଚାଷୀ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ରବିବାର ପୋଲିସଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବଲାଙ୍ଗୀର ଜିଲାପାଳ ତଥା ରାଜ୍ୟ ସରକାର ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଅମରପାଲିରେ ଫସଲ ନଷ୍ଟ କଲେ ହାତୀପଲ

ଅମରପାଲି,୫।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ଅମରପାଲି ଗ୍ରାମରେ ଶନିବାର ରାତିରେ ହାତୀପଲ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ୧୭ଟି ହାତୀ ହାତିଲିମୁଣ୍ଡା ସଂରକ୍ଷିତ ଜଙ୍ଗଲରୁ ଆସିଥିଲେ। ଏହି ହାତୀପଲ ଅମରପାଲି ଗ୍ରାମର ଚେରେଙ୍ଗା ପ୍ରଧାନ, କାର୍ତ୍ତିକ ପ୍ରଧାନ, ଯାଦବ ପଧାନ, ଚିତ୍ତ ରଞ୍ଜନ ପଧାନ, ଲଳିତ ପଧାନ, କମଳିନୀ ପଧାନ, କୃଷ୍ଣଚନ୍ଦ୍ର ନାଏକ, ଅଶୋକ ସାହୁ ଗଦା କରି ରଖିଥିବା ଅମଳ ଧାନକୁ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ଏହାପରେ ଉକ୍ତ ହାତୀପଲ ନିକଟସ୍ଥ ଗୁଡୁଗୁଦା ଗ୍ରାମକୁ ଯାଇ ସେଠାରେ ମଧ ଧାନ ଫସଲ ନଷ୍ଟ କରିଛନ୍ତି। ଗୁଡୁଗୁଦା ଗ୍ରାମର ଚେରେଙ୍ଗା ପୁଟା, ଚମ୍ପେ ମିର୍ଦ୍ଧା, ଜିତେନ୍ଦ୍ର ମିର୍ଦ୍ଧା, ଦେବରାଜ ଭୋଇ, ନବୀନ ବିଶି, ପୁଷ୍ପ ଭୋଇ ପ୍ରମୁଖଙ୍କ ଅମଳ ଧାନକୁ ମଧ ନଷ୍ଟ କରିଛନ୍ତି। କିଛିଦିନ ହେଲା ହାତିଲିମୁଣ୍ଡା ଓ ପୁଇପାନ ସଂରକ୍ଷିତ ଜଙ୍ଗଲରୁ ହାତୀପଲ ଆସି ଅଞ୍ଚଳର ବିଭିନ୍ନ ସ୍ଥାନରେ ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଦିନ ଖଣ୍ଡହତା ପଞ୍ଚାୟତର ବଡକିରାସିରା ଗ୍ରାମରେ ହାତୀପଲ ଦୁଇ ଜଣ ଚାଷୀଙ୍କ ପ୍ରାୟ ୩ ଏକର ଚାଷ ଜମିର ଫସଲ ନଷ୍ଟ କରିଥିବା ବେଳେ ଶନିବାର ରାତିରେ ବିଶାଳପାଲି ଓ ପାତରପାଲି ଗ୍ରାମର ପ୍ରାୟ ୧୩ଜଣ ଚାଷୀଙ୍କ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏପଟେ ବନ କର୍ମଚାରୀମାନେ ହାତୀପଲଙ୍କ ଗତିବିଧିକୁ ନିରୀକ୍ଷଣ କରୁଥିବା ବେଳେ ହାତୀଙ୍କୁ ଘଉଡା ଯାଉଥିବା ହାତିଲିମୁଣ୍ଡା ବନପାଳ ଅଜୟ ବାରା ପ୍ରକାଶ କରିଛନ୍ତି। ବନବିଭାଗ କର୍ମଚାରୀମାନେ ହାତୀପଲ ଦ୍ୱାରା ନଷ୍ଟ ହୋଇଥିବା ଫସଲକୁ ଆକଳନ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବନବିଭାଗ ସୁଚନା ଦେଇଛି।

# ବାସନ୍ଦ ପରେ ରାସ୍ତା ଅବରୋଧ

ବରଗଡ଼ ଅଫିସ୍,୫।୧୨

ବରଗଡ଼ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଗୌରେନମୁଣ୍ଡା ହରିଜନ ପଡ଼ାବାସୀଙ୍କ ପ୍ରତି ଅତ୍ୟାଚାର ବଢ଼ି ଚାଲିଛି। ସାମାଜିକ ବାସନ୍ଦ ପରେ ଏବେ ରାସ୍ତା ଅବରୋଧ କରାଯାଇଥିବା ଯୋଗୁ ଘରୁ ପଦାକୁ ବାହାରି ପାରୁ ନ ଥିବା ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ପଡ଼ାବାସୀ ସ୍ଥାନୀୟ ପୋଲିସ ଓ ପ୍ରଶାସନକୁ ଅବଗତ କରିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଉପରେ କିଛି ପଦକ୍ଷେପ ନିଆଯାଇ ନ ଥିବାରୁ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି । ଆଗାମୀ ଦିନରେ ଏହା ବଡ଼ ଆନ୍ଦୋଳନ ରୂପ ନେବା ଆଶଙ୍କା ପ୍ରକାଶ ପାଇଛି।

ଗତ ଜୁନ ୯ରେ ପଡ଼ାବାସୀଙ୍କ ରାସ୍ତାକୁ ନେଇ ବିବାଦ ଉପୁଜିଥିଲା। ସେହିଦିନଠାରୁ ପଡ଼ାଲୋକେ ବାସନ୍ଦ ଜୀବନ ଅତିବାହିତ କରୁଛନ୍ତି। କେବଳ ସେତିକି ନୁହେଁ, ବାସନ୍ଦ ପରେ ପଡ଼ାବାସୀଙ୍କ ଉପରେ ଏକ ଗୋଷ୍ଠୀ ବିଭିନ୍ନ ସମୟରେ ଅନ୍ୟାୟ, ଅତ୍ୟାଚାର କରି ଚାଲିଛନ୍ତି। ବାସନ୍ଦ ଯୋଗୁ ସେମାନେ ନୂଆଖାଇ ମଧ୍ୟ ପାଳନ କରି ପାରି ନ ଥିଲେ । ବିଭିନ୍ନ ସମୟରେ ପଡ଼ା ଲୋକଙ୍କ ଘର ଉପରକୁ ପଥର ମାଡ଼ ହେଉଛି। ଯେଉଁ ରାସ୍ତାକୁ ନେଇ ବିବାଦ ଉପୁଜିଥିଲା, ସେହି ରାସ୍ତାକୁ ଗତ ୩ତାରିଖରୁ ଗଛଡ଼ାଳ, କଣ୍ଟାବାଡ଼ ଆଦି ପକାଇ ଅବରୋଧ କରାଯାଇଛି। ଫଳରେ ପଡ଼ାବାସୀ ଘରୁ ବାହାରକୁ ମଧ୍ୟ ବାହାରି ପାରୁ ନ ଥିବା କହିଛନ୍ତି। ଶନିବାର ସନ୍ଧ୍ୟାରେ କିଛି ଲୋକ ପଶି ଆସି ଢ଼େଲା, ପଥର ମାଡ଼ କରିବାରୁ ପଡ଼ାର ଯୁଧିଷ୍ଠିର ଛତ୍ରିଆ, ସୀମାଧର ନାଗ, ଖତକୁଡୁ ଛତ୍ରିଆ, ଜଟିଆ ଛତ୍ରିଆ, କ୍ଷେତ୍ରମୋହନ ଛତ୍ରିଆଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ପୋଲିସ ଓ ପ୍ରଶାସନ ପଡ଼ାବାସୀଙ୍କ ଉପରେ ହେଉଥିବା ଏଭଳି ଅତ୍ୟାଚାର ଉପରେ ତୁରନ୍ତ ହସ୍ତକ୍ଷେପ କରିବାକୁ ମତପ୍ରକାଶ ପାଇଛି ।


ଗଛ ପକାଇ ହରିଜନ ପଡ଼ାକୁ ସଂଲଗ୍ନ ରାସ୍ତା ଅବରୋଧ କରାଯାଇଛି ।

# ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ବିନ୍ଦୁ ମହାନନ୍ଦ ସମ୍ବର୍ଦ୍ଧିତ

ଭବାନୀପାଟଣା/ଗୋଲାମୁଣ୍ଡା, ୫।୧୨(ସ୍ୱ.ପ୍ର./ଡି.ଏନ.ଏ.)

ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଦୁର୍ନୀତି ବିରୋଧୀ ମହାସଂଘ ଆବାହକ କଳାହାଣ୍ଡି ଜିଲାର ବିନ୍ଦୁ ମହାନନ୍ଦଙ୍କୁ ରବିବାର ଭୁବନେଶ୍ୱରସ୍ଥିତ ଅମ୍ରାପାଲି ରିସର୍ଟଠାରେ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ମହାନନ୍ଦ ଦୀର୍ଘ ବର୍ଷ ଧରି ଦୁର୍ନୀତି ଓ ଲାଞ୍ଚ କାରବାରକୁ ବିରୋଧ କରି ଆସୁଛନ୍ତି। ସେ କଳାହାଣ୍ଡି ଜିଲା ଓ ଜିଲା ବାହାରେ ମଧ ଦୁର୍ନୀତି ବିରୋଧରେ ଲଢେଇ କରି ଆସୁଛନ୍ତି। ଏହି ସବୁ କାର୍ଯ୍ୟକଳାପ ପାଇଁ ତାଙ୍କୁ ଓସାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ଓସାର ବରିଷ୍ଠ ସଭ୍ୟ ତଥା ରାଜ୍ୟର ପ୍ରଥମ ଲୋକାୟୁକ୍ତ ଅଭିଯୋଗକାରୀ ଶ୍ରୀକାନ୍ତ ପାକଳ, ଓସାର ଆଇନ ପରାମର୍ଶଦାତା ସୁଧିର ମହାନ୍ତି ଓ ଅନ୍ୟାନ୍ୟ ଆଇନଜୀବୀ ତଥା ଦୁର୍ନୀତି ବିରୋଧରେ ଲଢେଇ କରୁଥିବା ବ୍ୟକ୍ତି ବିଶେଷ ବିଚାର ମାଧମରେ ନିଷ୍ପତ୍ତି ଗ୍ରହଣ କରି ଓସାର ଦ୍ୱାଦଶ ରାଜ୍ୟ ସମ୍ମିଳନୀରେ ମହାନନ୍ଦଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ୩ଦିନ ଧରି ଚାଲିଥିବା ସମ୍ମିଳନୀରେ ରାଜ୍ୟ ମୁଖ୍ୟ ସୂଚନା କମିଶନ ଜଲାଦ ତ୍ରିପାଠୀ, ପୂର୍ବତନ ରାଜ୍ୟ ମୁଖ୍ୟ ସୂଚନା କମିଶନ ସୁନିଲ ମିଶ୍ର, ପୂର୍ବତନ କେନ୍ଦ୍ର ସୂଚନା କମିଶନ ଶ୍ରୀଧର ଆଚାରୟୁଲୁ, ବରିଷ୍ଠ ସାମ୍ବାଦିକ ରବି ଦାସ ଓ ସତ୍ୟ ନାରାୟଣ ନାୟକ, ବରିଷ୍ଠ ଆଇନଜୀବୀ ଚିତ୍ତ ବେହେରା ଏବଂ ଓସାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଯୋଗଦାନ ଦେଇଥିଲେ।

# ଦାଉ ସାଧିଲା ଜୱାଦ: ଧାନ ଫସଲ ନଷ୍ଟ , ଚିନ୍ତାରେ ଚାଷୀ


ବର୍ଷାରେ ନଷ୍ଟ ହୋଇଥିବା ଧାନ ଫସଲ ।

ବୌଦ୍ଧ,୫।୧୨(ସ୍ୱ.ପ୍ର.)

ସାମୁଦ୍ରିକ ଝଡ ଜୱାଦ ପ୍ରଭାବରେ ବୌଦ୍ଧ ଜିଲାରେ ଚାଷ ହୋଇଥିବା ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଛି । ଅମଳ ହେବାକୁ ଥିବା ଧାନ ନଷ୍ଟ ହେବାରୁ ଚାଷୀମାନଙ୍କ ଚିନ୍ତା ବଢିଯାଇଛି। ବର୍ଷା ଯୋଗୁ ଜମିରେ ପାଣି ଜମିବା ସହ ଧାନ ଗଛ ତଳେ ପଡି ଗଜା ହେବାକୁ ବସିଲାଣି। ପନିପରିବା ସହିତ ଡାଲିଜାତୀୟ ଫସଲ ମଧ କ୍ଷତିଗ୍ରସ୍ତ ହୋଇଛି। ଜିଲାର ଚାଷୀ ଧାନ ଫସଲରୁ ଭଲ ଦି ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିବା ସହ ବିଭିନ୍ନ କାର୍ଯ୍ୟରେ ଲଗାଇଥାନ୍ତି। ବର୍ଷା ଯଦି ଆଉ କିଛି ଦିନ ଲାଗି ରହେ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡି ଯିବା ଆଶଙ୍କା ରହିଛି। ଜିଲାରେ ୩ ଲକ୍ଷ ୫୮ ହଜାର ୨୯୨ ହେକ୍ଟର ଜମି ରହିଛି । ସେଥିମଧରୁ ୮୫ ହଜାର ୧୮୦ ହେକ୍ଟର ଜମିରେ ଚାଷ କରାଯାଇଥାଏ । ଚଳିତବର୍ଷ ବୌଦ୍ଧ ବ୍ଲକରେ ୩୨ ହଜାର ୫୪୬, ହରଭଙ୍ଗା ବ୍ଲକରେ ୨୫ ହଜାର ୨୯୭ ଓ କଣ୍ଟାମାଳ ବ୍ଲକରେ ୨୭ ହଜାର ୩୨୭ ହେକ୍ଟର ଚାଷ ଜମିରେ ଚାଷ କରାଯାଇଥିବା ଜଣାପଡିଛି। ଚଳିତବର୍ଷ ଧାନକ୍ରୟ ବୈଠକରେ ଅମଳ କମ ହେବା ନେଇ କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ସୂଚନା ଦିଆଯାଇ ଥିବା ବେଳେ ଅଦିନିଆ ବର୍ଷା ଫସଲ ଅମଳ ଉପରେ ଆହୁରି ପ୍ରଭାବ ପକାଇବାର ସମ୍ଭାବନା ଦେଖାଦେଇଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଓ ବୀମା ରାଶି ପ୍ରଦାନ କରିବାକୁ ଚାଷୀମାନେ ଦାବି କରଛନ୍ତି ।

# ଆସନ୍ତା ପଞ୍ଚାୟତ, ପୌର ନିର୍ବାଚନ ପାଇଁ ରଣନୀତି

ସୋନପୁର,୫।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ସୋନପୁର ଟାଉନ ହଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପ୍ରଭାରୀ ଭବେନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ସାଙ୍ଗଠନିକ ଅଭିବୃଦ୍ଧି ଓ ବୁଥ୍‌ସ୍ତରୀୟ କମିଟି ଗଠନ ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଏହି ଅବସରରେ ଦଳୀୟ ରଣନୀତି ପ୍ରସ୍ତୁତ ହୋଇଥିଲା। କେନ୍ଦ୍ର ସରକାର ପଞ୍ଚାୟତ ଓ ସହରାଞ୍ଚଳର ଉନ୍ନତି ପାଇଁ ପର୍ଯ୍ୟାପ୍ତ ଅନୁଦାନ ଯୋଗାଇ ଦେଉଥିଲେ ହେଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଅବହେଳା ପାଇଁ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁ ନ ଥିବା ଭାଜପା ଅଭିଯୋଗ କରିଛି। ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ଇଂ ରଘୁନାଥ ଜଗଦଳା, ପ୍ରାକ୍ତନ ଜିଲା ସଭାପତି ବିଜୟ ମହାକୁର, ସୁରେଶ ଚନ୍ଦ୍ର ମହଲା, ରାଜକିଶୋର ମେଣ୍ଡିଲି, ଜିଲା ସାଧାରଣ ସମ୍ପାଦକ ତଥା ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଓ କରୋନା ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଗରିବଙ୍କୁ ମାଗଣାରେ ଖାଦ୍ୟଶସ୍ୟ ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ବେଣୁଧର ଦାଶ, ବିଶ୍ୱମ୍ଭର ମିଶ୍ର, ନଳିନୀ ପଣ୍ଡା, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି, ସୁଶାନ୍ତ ପଣ୍ଡା, ଗାୟତ୍ରୀ ପାଣିଗ୍ରାହୀ, ରୋହିଣୀ ଡାଙ୍ଗ, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କିଶୋର ହୋତା, ଅଶୋକ ପୃଷ୍ଟି, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ସଞ୍ଜୁକ୍ତା ହୋତା, ସୁନିତା ଗିରି, ସମବାୟ ପ୍ରକୋଷ୍ଠ ସଭାପତି ସାନନ୍ଦ ମେହେର, ରାଧାକାନ୍ତ ମହାକୁର, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବବୁଲୁ ବିଶି ଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଓ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହୋଇଥିଲା।


ସୁବର୍ଣ୍ଣପୁର ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ନେତୃବୃନ୍ଦ ।

# କୃଷି ମହାବିଦ୍ୟାଳୟ ପକ୍ଷରୁ କୃଷି ଶିକ୍ଷା ଦିବସ ପାଳନ

ଭବାନୀପାଟଣା,୫।୧୨(ଡି.ଏନ.ଏ.)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଦ୍ୱାରା ପରିଚାଳିତ ଭବାନୀପାଟଣା କୃଷି ମହାବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଶାସ୍ତ୍ରୀଜୀ ମହିଳା ବିଜ୍ଞାନ ମହାବିଦ୍ୟାଳୟଠାରେ 'କୃଷି ଶିକ୍ଷା ଦିବସ' ପାଳିତ ହୋଇଛି। କଳାହାଣ୍ଡି କୃଷି ମହାବିଦ୍ୟାଳୟ ଡିନ୍ ଡ. ଚିନ୍ତାମଣୀ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ଚେୟାରପର୍ସନ ନମିତା ସାହୁ ଓ କୃଷି ମହାବିଦ୍ୟାଳୟ ଡ. ଉତ୍ତମ କୁମାର ବେହେରା, ଡ. ବିଶ୍ୱଜିତ୍ ସିହ୍ନା, ଡ. ଶିମିଲି ଦାସ, ତେଜସ୍ୱିନୀ ମାଝି, ମଧୁଛନ୍ଦା କିଶାନ, ଡ. ବଳଭଦ୍ର ପ୍ରସାଦ ଗନ୍ତାୟତ, ଡ. ଦେବାଶିଷ ବେହେରା, ଡ. ରାଜେନ୍ଦ୍ର କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। କୃଷି ମହାବିଦ୍ୟାଳୟ ଡ. ଶିମିଲି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଭବାନୀପାଟଣା କୃଷି ମହାବିଦ୍ୟାଳୟ ଡିନ୍ ଡ. ଚିନ୍ତାମଣୀ ପଣ୍ଡା ଦେଶର କୃଷି କର୍ମରେ ମହିଳାମାନଙ୍କ ଯୋଗଦାନ ଉଲ୍ଲେଖନୀୟ ଓ ସମ୍ପ୍ରତି ବହୁ ଛାତ୍ରୀ କୃଷିବିଜ୍ଞାନ ଶିକ୍ଷାଲାଭ ପାଇଁ ଆଗ୍ରହୀ ଥିବା ଦେଖାଯାଉଛି ବୋଲି ପ୍ରକାଶ କରିବା ସହ ଆଗାମୀ ଶିକ୍ଷାବର୍ଷରେ ଏହି ମହାବିଦ୍ୟାଳୟର କିଛି ଛାତ୍ରୀ ନିଶ୍ଚୟ କୃଷି ମହାବିଦ୍ୟାଳୟରେ ନାମ ଲେଖାଇବେ ବୋଲି ପ୍ରକାଶ କରିଥିଲେ। ଏହି ଦିବସ ଉପଲକ୍ଷେ କୃଷି ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ଅଧାପିକା ରଶ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ସେହି ମହାବିଦ୍ୟାଳୟର ଦକ୍ଷ ସାହୁ ଓ ଅନ୍ୟାନ୍ୟ ସହକର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୀତାଶ୍ରୀ ବାଳିକା, ଆର୍ଯ୍ୟ ବାଳକ ସିଙ୍ଗଲ୍ସ ଚାମ୍ପିୟନ

ସୋନପୁର,୫।୧୨(ନି.ପ୍ର.)

**୧୯ ବର୍ଷରୁ କମ୍ ଷ୍ଟେଟ୍ ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ**

ସୁବର୍ଣ୍ଣପୁର ଜିଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ରାମେଶ୍ୱରସ୍ଥିତ ଇନଡୋର ଷ୍ଟାଡିୟମ ପରିସରରେ ଚାଲିଥିବା ୧୯ ବର୍ଷରୁ କମ୍ ଷ୍ଟେଟ୍ ର୍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଓଡିଶାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଖେଳାଳି ଅଂଶଗ୍ରହଣ କରିଥିଲେ । ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବାଳିକା ସିଙ୍ଗଲ୍ସ, ବାଳିକା ଡବଲ୍ସ, ବାଳକ ସିଙ୍ଗଲ୍ସ, ବାଳକ ଡବଲ୍ସ ଓ ମିକ୍ସଡ ଡବଲ୍ସ ପାଇଁ ପ୍ରତିଯୋଗିତା ହୋଇଥିଲା। ବାଳିକା ସିଙ୍ଗଲ୍ସରେ ସୁନ୍ଦରଗଡର ଗୀତାଶ୍ରୀ ଦେ ଚାମ୍ପିୟନ ଓ ରାୟଗଡାର ସୁଇଟି ପ୍ରିୟା ପ୍ରଧାନ ରନର୍ସ ଅପ ହୋଇଛନ୍ତି। ବାଳକ ସିଙ୍ଗଲ୍ସରେ ବାଲେଶ୍ୱରର ଆର୍ଯ୍ୟ ମାଝୀ ଚାମ୍ପିୟନ ଓ ଅମୟ କୁମାର ନାୟକ ରନର୍ସ ଅପ ହୋଇଥିଲେ। ମିକ୍ସଡ ଡବଲ୍ସରେ କଳାହାଣ୍ଡିର ଅର୍ପିତା ପଣ୍ଡା ଓ ପ୍ରମିଳା ଶବର ଯୋଡି ଚାମ୍ପିୟନ ଏବଂ ସମ୍ବଲପୁରର ତପୁନ ସାହୁ ଓ ଦୀକ୍ଷା ଏକ୍କା ଯୋଡି ରନର୍ସ ଅପ ହୋଇଥିଲେ। ବାଳିକା ଡବଲ୍ସରେ ସମ୍ବଲପୁରର ଦୀକ୍ଷା ଏକ୍କା ଓ ଲିୟୁନ ସ୍ୱାଇଁ ଯୋଡି ଚାମ୍ପିୟନ ଏବଂ ଖୋର୍ଦ୍ଧାର ଆଦ୍ୟ ପାତ୍ରୀ ଓ ସୁଇଟି ପ୍ରିୟା ପ୍ରଧାନଙ୍କ ଯୋଡି ରନର୍ସ ଅପ ହୋଇଛନ୍ତି। ବାଳକ ଡବଲ୍ସରେ ବାଲେଶ୍ୱରର ଅମୟ କୁମାର ନାୟକ ଓ ଆର୍ଯ୍ୟ ମାଝୀ ଯୋଡି ଚାମ୍ପିୟନ ଏବଂ ଆଶୁତୋଷ ସାହୁ ଓ ମନିକାନ୍ତ ରନର୍ସ ଅପ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ତଥା ଟୁର୍ନାମେଣ୍ଟର ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ଓ ରନର୍ସ ଅପ ଖେଳାଳିଙ୍କୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳସଚିବ ଯୁଗଲେଶ୍ୱରୀ ଦାଶ, ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ନିଲିନ କୁମାର, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ ଓ ଜିଲା ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ଯୋଗ ଦେଇଥିଲେ। ପ୍ରଦ୍ୟୁମ୍ନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜିଲା ସଂଘର କାର୍ଯ୍ୟକାରୀ ସଭାପତି ବିଶ୍ୱରଞ୍ଜନ ଦଳାଇ, ଆଭାସ ବାବୁ, ଅଶ୍ୱିନୀ କୁମାର ମେହେର, ଯୁଗ୍ମ ସମ୍ପାଦକ ଭକ୍ତିରଞ୍ଜନ ଦଳାଇ, କାର୍ଯ୍ୟକାରିଣୀ ସଭ୍ୟ ଜୟନାରାୟଣ ମେଣ୍ଡିଲି ଓ ଜୟକୃଷ୍ଣ ସା ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।


ମୁଖ୍ୟଅତିଥି ବାଳକ ଡବଲ୍ସ ଚାମ୍ପିୟନ ଅମୟ କୁମାର ଓ ଆର୍ଯ୍ୟଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି ।

**ରବିବାର ବନ୍ଦ ରହୁଛି ପ୍ରାଣୀ ଚିକିତ୍ସାଳୟ, ବଢୁଛି ଅସନ୍ତୋଷ**

ଜହ୍ନାପଙ୍କ,(ଡି.ଏନ.ଏ.): ବୌଦ୍ଧ ବ୍ଲକ ଜହ୍ନାପଙ୍କଠାରେ ଥିବା ପ୍ରାଣୀ ଚିକିତ୍ସାଳୟ ରବିବାର ବନ୍ଦ ରହୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । କେତେକ ବ୍ୟକ୍ତି ଗାଈ ତଥା ନିଜ ଗୃହପାଳିତ ପଶୁପକ୍ଷୀଙ୍କୁ ଚିକିତ୍ସା ପାଇଁ ଚିକିତ୍ସାଳୟକୁ ଆଣିଥିବା ବେଳେ ସେଠାରେ ପ୍ରାଣୀ ନିରୀକ୍ଷକ କିମ୍ବା କୌଣସି କର୍ମଚାରୀ ଉପସ୍ଥିତ ନ ଥିଲେ। ସ୍ଥାନୀୟ ବାସିନ୍ଦା ଅଶୋକ ମଲ୍ଲିକ ତାଙ୍କ ଗାଈର ଚିକିତ୍ସା ପାଇଁ ଆସିଥିବା ବେଳେ ପ୍ରାଣୀ ଚିକିତ୍ସାଳୟ ବନ୍ଦ ଥିବାରୁ ନିରାଶ ହୋଇ ଫେରିଥିଲେ। ସବୁ ରବିବାର ପ୍ରାଣୀ ଚିକିତ୍ସାଳୟ ବନ୍ଦ ରହୁଥିବା ସ୍ଥାନୀୟ ଅଧିବାସୀ କହିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣା ପରେ ଶଯ୍ୟାଶାୟୀ: ପରିବାର ଚିନ୍ତାରେ ଦିଲୀପ

**ଲାଠୋର,୫।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସରେଇବାହାଲ ସାନ କଲୋନୀପଡାର ଦିଲୀପ ହିଆଲ(୪୦) ଗତ ୭ ବର୍ଷ ତଳେ ଏକ ସଡକ ଦୁର୍ଘଟଣାର ଶିକାର ହୋଇ ଘରେ ଏକରକମ ପଙ୍ଗୁ ହୋଇ ପଡି ରହିଛନ୍ତି। ଦିଲୀପଙ୍କ ପରିବାର କହିଲେ ବିଧବା ମା , ସ୍ତ୍ରୀ ଭାମା, ଝିଅ ଉର୍ମିଳା ଓ ପୁଅ ଗଜାନନ। ପଞ୍ଚାୟତରୁ ପାଉଥିବା ୧୫ କେଜି ଚାଉଳକୁ ଛାଡି ଦେଲେ ସମ୍ପତ୍ତି ବାଡି କିଛି ତାଙ୍କର ନାହିଁ। ମଜୁରି କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ସଡକ ଦୁର୍ଘଟଣାରେ ସେ ଗୁରତର ହେବା ପରେ ପରିବାର ଲୋକେ ଧାର କରଜ କରି ଚିକିତ୍ସା କରିବାରୁ କିଛି ବର୍ଷ ଠିକ ଠାକ ରହିଲେ। ଏବେ ପ୍ରାୟ ୩ ବର୍ଷ ହେବ ସେ ଉଠା ବସା କି ଚଲା ବୁଲା କରି ପାରୁନାହାନ୍ତି। ଶଯ୍ୟାଶାୟୀ ହୋଇ ପଡି ରହିଛନ୍ତି। ସରକାରୀ ଭାବେ ତାଙ୍କ ପରିବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧମରେ ସ୍ମାର୍ଟ କାର୍ଡ ପାଇଛନ୍ତି। କିନ୍ତୁ କୌଣସି ହସ୍ପିଟାଲକୁ ନେଇ ଉଚ୍ଚତର ଚିକିତ୍ସା କରିବା ପାଇଁ ତାଙ୍କ ପାଖରେ ଅର୍ଥ ନାହିଁ ଯିଏ ଦେଲା ତ ପରିବାର ଚଳୁଛି, ନହେଲେ ଉପାସରେ ଦିନ କାଟିବାକୁ ପଡୁଛି। ଏହି ପରିବାରକୁ ଜିଲା ପ୍ରଶାସନ ସହାୟତାର ହାତ ବଢାଇ ରେଡକ୍ରସରୁ ଆର୍ଥିକ ସହାୟତା ଯୋଗାଇ ଦେବକୁ ଗ୍ରାମବାସୀ ଦାବି କରିଛନ୍ତି।

### ଫୁଲଚରାକୁ ହରାଇ ସୋନପୁର ଚାମ୍ପିୟନ

**ଅମରପାଲି,୫।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ବାଗବର ପଞ୍ଚାୟତ ଫୁଲଚରା ଗ୍ରାମର ଖେଳ ପଡିଆରେ ହେଉଥିବା ୯ମ ମା'ଫୁଲଚରାଣୀ ସୁପରଲିଗ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଆୟୋଜକ ଫୁଲଚରାକୁ ୧-୦ ଗୋଲରେ ହରାଇ ଭାରତ ଗ୍ୟାସ ସୋନପୁର ଚାମ୍ପିୟାନ ହୋଇଛି। ସୋନପୁର ତରଫରୁ ବିକ୍ରମ ଏକମାତ୍ର ଗୋଲ ସ୍କୋର କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ ମୁଖ୍ୟଅତିଥି ଏବଂ ପୂର୍ବତନ ସରପଞ୍ଚ ତଥା ଆଇନଜୀବୀ ରାଧାକାନ୍ତ ବାଘ ଓ ସୁବର୍ଣ୍ଣପୁର ଜିଲା ଛାତ୍ର ବିଜେଡି ଉପ ସଭାପତି ଶୈଳରଞ୍ଜନ ବାଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୋନପୁରର ବିକ୍ରମଙ୍କୁ ମ୍ୟାନ ଅଫ ଦି ଫାଇନାଲ , ଦିଲୀପ ମହାଲିକଙ୍କୁ ମ୍ୟାନ ଅଫ ସିରିଜ ଏବଂ ଫୁଲଚରାର ମଧୁ ସେଠୀଙ୍କୁ ଶ୍ରେଷ୍ଠ ଗୋଲ କିପର ଭାବେ ପୁରସ୍କୃତ କରିଥିଲେ। ଚାମ୍ପିୟାନ ସୋନପୁର ଦଳକୁ ନଗଦ ୧୧ହଜାର ୧୧୧ଟଙ୍କା ସହିତ ଟ୍ରଫି ଓ ରନର୍ସ ଅଫ ଫୁଲଚରା ଦଳକୁ ନଗଦ ୬ ହଜାର ୬୬୬ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚରେ ସୁଦମ ଜଗଦଲା, ଅଜିତ ନାଏକ,ପ୍ରଶାନ୍ତ ସେଠୀ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୧୬ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏହା ପାଞ୍ଚଦିନ ଧରି ହୋଇଥିଲା।

# ଅମଳ ବେଳେ ବର୍ଷା, ଭିଜିଲା ଧାନ

**ବରଗଡ଼ ଅଫିସ୍,୫।୧୨**

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ସହ ଧାନ ସଂଗ୍ରହ ଚାଲିଛି। ଏଭଳି ସମୟରେ ବର୍ଷା ହେବାରୁ ଚାଷୀଙ୍କ ଚିନ୍ତା ବଢିଯାଇଛି। ରବିବାର ସକାଳେ ଜିଲାର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ହୋଇଛି। ଏଥିରେ କ୍ଷେତ, ଖଳାରେ ପଡ଼ିଥିବା ଧାନ ଭିଜିଯାଇଛି। ମଣ୍ଡିଗୁଡ଼ିକରେ ଥିବା ଧାନକୁ ତାରପୋଲିନ ଘୋଡ଼ାଇ ରଖାଯାଇଥିବା ଯୋଗୁ ବର୍ଷାଦାଉରୁ ସେସବୁ ରକ୍ଷା ପାଇଯାଇଛି। ଅପରପକ୍ଷେ ଝିପିଝିପି ବର୍ଷାର ଫାଇଦା ଉଠାଇବା ପାଇଁ ଧାନ ବେପାରୀ ଏବଂ କେତେକ ମିଲର୍ସ ମସୁଧା ଆରମ୍ଭ କରିଦେଇଛନ୍ତି। ମଣ୍ଡିରେ ଧାନ ସୁରକ୍ଷିତ ଥିଲେ ସୁଦ୍ଧା ଆର୍ଦ୍ରତା ଆଳ ଦେଖାଇ କଟନୀଛଟନୀ ଆରମ୍ଭ ହୋଇଛି। ଧାନ ବେପାରୀମାନେ ଗାଁ ଗୁଡ଼ିକରେ ଅସାଧୁ ଉପାୟ ଅବଲମ୍ବନ କରି ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଯଥେଷ୍ଟ କମ୍ ଦରରେ ଧାନ କିଣାବିକା କରୁଥିବା ଆଲୋଚନା ହେଉଛି ।

ଜିଲାରେ ନଭେମ୍ବର ୨୫ରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟବର୍ଷ ଅପେକ୍ଷା ଏଥର ଧାନ ସଂଗ୍ରହ ପ୍ରକ୍ରିୟା ଯଥେଷ୍ଟ ବିଳମ୍ବ ଯୋଗୁ ଧାନବିକ୍ରିରେ ଚାଷୀଙ୍କୁ ଆରମ୍ଭରୁ ବହୁ ହଇରାଣ ହେବାକୁ ପଡୁଛି। ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ପ୍ରାପ୍ୟରାଶି ପ୍ରଦାନ, ସ୍ଥାନାଭାବ



ମନାପଡ଼ା କ୍ରୟକେନ୍ଦ୍ରରେ ଧାନକୁ ତାରପୋଲିନ ଘୋଡ଼ାଇ ରଖାଯାଇଛି।

ଯୋଗୁ ଧାନକୁ ସୁରକ୍ଷିତ ରଖିବାରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଟୋକନ ଆସି ନ ଥିବାରୁ ଅନେକ ଚାଷୀ ମଣ୍ଡିକୁ ଧାନ ନେଇ ପାରିନାହାନ୍ତି। କ୍ଷେତ, ଖଳାରେ ବହୁ ଚାଷୀଙ୍କ ଅମଳ ଧାନ ପଡ଼ି ରହିଛି। ଏଭଳି ସମୟରେ ରବିବାର ହୋଇଥିବା ବର୍ଷା ଚାଷୀଙ୍କ ମୁଣ୍ଡରେ ଚଡ଼କ ଭଳି ହୋଇଛି। ଝିପିଝିପି ବର୍ଷା ଯୋଗୁ ଧାନ ସେତେ ପ୍ରଭାବିତ ହୋଇନାହିଁ। କିନ୍ତୁ ବର୍ଷାପାଗ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି।

ସରକଣ୍ଡା ଗ୍ରାମର ଚାଷୀ ହର ବଣିଆଁ କହିଛନ୍ତି, ସେ ୬ଏକର ଜମିରେ ଧାନଚାଷ କରିଥିଲେ। ସେଥିରୁ ୩ଏକର ଜମିର ଧାନ ଅମଳ କରି ଖଳାରେ ରଖିଥିବାବେଳେ ଅନ୍ୟ ୩ଏକର ଜମିର କଟାଧାନ କ୍ଷେତରେ ପଡ଼ିରହିଛି। ଖଳାରେ ଥିବା ଧାନକୁ ତାରପୋଲିନ ଘୋଡ଼ାଇଛନ୍ତି। କିନ୍ତୁ କ୍ଷେତରେ ପଡ଼ିଥିବା କଟାଧାନ ଭିଜି ଯାଇଛି ବୋଲି ବଣିଆଁ କହିଛନ୍ତି। ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଧାନ ସଂଗ୍ରହ ପାଇଁ ଜିଲାରେ ୭୩ଟି ସ୍ଥାୟୀ ମଣ୍ଡି ଏବଂ ୧୨୦ଟି କ୍ରୟକେନ୍ଦ୍ର ଖୋଲାଯାଇଛି। କିନ୍ତୁ କୌଣସି ମଣ୍ଡି, କ୍ରୟକେନ୍ଦ୍ରର ଭିତ୍ତିଭୂମି ସୁଦୃଢ଼ ନୁହେଁ। ମଣ୍ଡି ତଥା କ୍ରୟକେନ୍ଦ୍ର ଗୁଡ଼ିକରେ ଧାନ ରଖାଯିବା ସ୍ଥାନ ଉଚ୍ଚ ରହିବା କଥା। କିନ୍ତୁ ତାହା ହୋଇ ନ ଥିବା ଯୋଗୁ ବର୍ଷାରେ ଧାନ ମଧ୍ୟ ପ୍ରଭାବିତ ହେଉଛି ଏବଂ ଆର୍ଦ୍ରତା ଆଳ ଦେଖାଇ ଚାଷୀଙ୍କୁ ଶୋଷଣ କରାଯାଉଥିବା ସେ କହିଥିଲେ। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ମୋବାଇଲ ନମ୍ବର ୯୪୩୭୮୭୦୦୪ରେ ଯୋଗାଯୋଗ କରଯାଇଥିଲା। ମାତ୍ର ସେ ଫୋନ୍‌କଲ୍ ରିସିଭ୍ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ।

# କୋହଲା ପାଗ ସାଙ୍ଗକୁ ବର୍ଷା: ଧାନଫସଲ ନଷ୍ଟ

**ବିନିକା,୫।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଶନିବାର ସାମୁଦ୍ରିକ ଝଡ ଜୱାଦର ପ୍ରଭାବରେ କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ଲାଗି ରହିଛି। ଫଳରେ ଅମଳ ହେବାକୁ ଥିବା ଧାନ ଫସଲ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏଥିଯୋଗୁ ଚାଷୀ ମହଲରେ ହତାଶାଭାବ ଖେଳିଯାଇଛି। ବର୍ଷା ଲାଗି ରହିବା ଯୋଗୁ ଧାନ ଜମିରେ ପାଣି ଜମି ରହିଛି। ତେଣୁ ଫସଲ ବଞ୍ଚାଇବା ପାଇଁ ପାଣି ନିଷ୍କାସନ କରିବା ଲାଗି ଅଧିକାଂଶ ଚାଷୀ ଲାଗି ପଡିଛନ୍ତି। ବିନିକା ଅଞ୍ଚଳରେ ୪୦ ଭାଗ ଧାନ ଫସଲ ଅମଳ ହୋଇ ସାରିଛି। କେତେକ ସ୍ଥାନରେ କଟା ହୋଇ ପେଟା ଅବସ୍ଥାରେ ଧାନ କ୍ଷେତ ଏବଂ ଧାନ ଖଳାରେ ଏବେ ଗଛିତ ରହିଛି । କିନ୍ତୁ ବର୍ଷା ହେବାରୁ ଧାନ ଗଜା ହେବାର ଆଶଙ୍କା ପ୍ରକାଶ ପାଇଛି । ଗୋଟିଏ ପଟେ ହାତୀ ଓ ବାର୍ହା ଉପଦ୍ରବ ଯୋଗୁ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଏବେ ଅମଳ ସମୟରେ ବର୍ଷା ଦାଉ ସାଧିଛି। ସିଂଘିଯୁବା, ଭଣ୍ଡାର, ବାବୁପାଲି, ବାଙ୍କିଘିଡ଼ି , ସିଲାଟି, ମେଘଲା, ଚରଦା ଓ ସିନ୍ଦୁରର ଗ୍ରାପର ଶତାଧିକ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଯାଇଛି। ଚାଷୀ ସୁଦାମ ପାତ୍ର, ହେମନ୍ତ ପଧାନ, ଅଶ୍ୱିନୀ ପଧାନ, ବଳରାମ ପାତ୍ର, ରବୀନ୍ଦ୍ର ପଧାନ, ଶୁକଦେବ ଦେହେରୀ, ସୁଜିତ ଆର୍ଟୀ, ନନ୍ଦିଘୋଷ ସାହୁ, ସନ୍ତୋଷ ସୁନା, ଗୋବର୍ଦ୍ଧନ ବାରିକ, ଲବ ବାରିକ ଧାନ ଅମଳ କରି ସାରିଥିବା ବେଳେ ବର୍ଷାରେ ଭିଜି ତାହା ଗଜା ହୋଇଯାଇଛି ସେହିପରି ଦେବେନ୍ଦ୍ର ପଲିତା, ମୁନା ଭୁଏ, ମନୋଜ ଭୁଏ ,ଫଗୁନୁ ନଇ, ଅଭିମନ୍ୟୁ ଭୁଏ, ରାଧାକାନ୍ତ ନାଗ ଏବଂ ତ୍ରିବିକ୍ରମ ବାଘଙ୍କ ଫସଲ ନଷ୍ଟ ହୋଇଛି।



ଚାଷୀମାନେ ନଷ୍ଟ ହୋଇଥିବା ଧାନ ଫସଲ ଦେଖାଉଛନ୍ତି ।

# ଜାତୀୟ ଡାକ କର୍ମଚାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ

**ବଲାଙ୍ଗୀର ଅଫିସ, ୫।୧୨**

ସ୍ଥାନୀୟ ସାମ୍ବାଦିକ ଭବନରେ ଜାତୀୟ ଡାକ କର୍ମଚାରୀ ସଂଘର ୨୨ତମ ମିଳିତ ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡାକ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଡାକ ଅଧୀକ୍ଷକ ବିଭୂତି ଭୂଷଣ ମିଶ୍ର, ଅବସରପ୍ରାପ୍ତ ଡାକପାଳ ବିଜୟ କୁମାର ପୁରୋହିତ, ଦାମୋଦର ମିଶ୍ର, ସଭାପତି ଅଚ୍ୟୁତ ପୁରୋହିତ, ଚନ୍ଦ୍ରମଣି ମେହେର ଓ ଲଳିତ କର ମଞ୍ଚାସୀନ ଥିଲେ। ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ ଓ ଶ୍ୟାରାଧାନା ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଅତିଥିମାନେ ଆଗାମୀ ସମୟରେ ସଂଘକୁ କିଭଳି ଭାବରେ ଆହୁରି ମଜଭୁତ କରାଯାଇ ପାରିବ ଏବଂ ସଂଘ ସଦସ୍ୟମାନେ କିଭଳି ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ପାଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ।




ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ସମଗ୍ରକୁ ନିଜର କରିପାରିଲେ ଅମୃତତ୍ତ୍ୱ ହିଁ ମିଳିବ

**ବଲାଙ୍ଗୀର ଅଫିସ, ୫।୧୨**

ଭ୍ରମରର ଗୁଣୁଗୁଣୁ ଗୀତରୁ ମାଛିର ଅନୁରଣନ ଭଲ ଲାଗେ। କାହିଁକି ନା ମାଛି ନିର୍ବିକାର ଚିତ୍ତରେ ଭଲ ମନ୍ଦ ଉଭୟକୁ ଗ୍ରହଣ କରେ। ଆମେ ଯାହାକୁ ମଳ ବୋଲି ଭାବୁ ଓ ଆମେ ଯାହାକୁ ଭଲ ଖାଦ୍ୟ ବୋଲି ଭାବୁ ମାଛି ପାଇଁ ଉଭୟ ସ୍ୱାଦ୍ୟ, ଉଭୟ ଗ୍ରାହ୍ୟ, ଉଭୟ ଭଲ ଜିନିଷ। ଆମ ଭିତରେ ଯଦି ମାଛିର ଘ୍ରାଣେନ୍ଦ୍ରୀୟ ଥାଆନ୍ତା ତାହାଲେ ଆମ ପାଇଁ ଯାହା ପରିତେଜ୍ୟ, ଘୃଣ୍ୟ ବୋଲି ଭାବୁଛୁଁ ତାହାକୁ ଆମେ ଭଲ ପାଆନ୍ତେ । ଏ ବିଶ୍ୱରେ କେତେ ଘ୍ରାଣେନ୍ଦ୍ରୀୟ ରହିଛି। ସବୁକୁ ମିଶାଇଲେ କେବଳ ସୁବାସ ହିଁ ପାଇବା। ଦୁର୍ଗନ୍ଧ କୋଉଠି ବି ନାହିଁ, ପାପ କୋଉଠି ବି ନାହିଁ। ସର୍ବତ୍ର କେବଳ ପୁଣ୍ୟ ଭରି ରହିଛି। ପୃଥିବୀର ସବୁଠି ଅମୃତତ୍ୱ ହିଁ ଭରି ରହିଛି। ସମଗ୍ରକୁ ନିଜର କରିପାରିଲେ ଅମୃତତ୍ୱ ହିଁ ପାଇପାରିବା ବୋଲି ପ୍ରଫେସର ମଧୁସୂଦନ ପତି ନିଜ ରଚିତ ନାଟକ ସିଦ୍ଧାର୍ଥର



ନାଟକ ଲୋକାର୍ପଣ ଅବସରରେ ଅତିଥିମାନେ।

ଲୋକାର୍ପଣ ସମାରୋହରେ କହିଛନ୍ତି।

ସ୍ଥାନୀୟ ଆଇନ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ବରକାନୀ ନାଟ୍ୟ ଗ୍ରାମ ପକ୍ଷରୁ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ନାଟ୍ୟ ଭୂଷଣ ଗଜଦାନନ୍ଦ ଛୁରିଆ, ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦାଶ, ଅଧ୍ୟାପକ ଜିତେନ୍ଦ୍ରୀୟ ତ୍ରିପାଠୀ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ନାଟ୍ୟ ଗ୍ରାମ ପ୍ରତିଷ୍ଠାତା ରାଜୀବ ଲୋଚନ ଆଚାର୍ଯ୍ୟ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିଲେ। ନୋବେଲ ବିଜେତା ମୂଳ ଜର୍ମାନୀ ଲେଖକ ହରମାନ୍ ହେସଙ୍କ ସିଦ୍ଧାର୍ଥ ଉପନ୍ୟାସର ନାଟ୍ୟ ଅନସୃଜନ ପ୍ରଫେସର ମଧୁସୂଦନ ପତି କରିଛନ୍ତି। ଏହା ପୁସ୍ତକ ଆକାରରେ ରବିବାର ଲୋକାର୍ପିତ ହୋଇଛି। ମୁଖ୍ୟଅତିଥି ନାଟ୍ୟ ଭୂଷଣ ଛୁରିଆ ତାଙ୍କ ବକ୍ତବ୍ୟରେ କହିଥିଲେ ନଇ ହିଁ ସତ୍ୟ, ପ୍ରକୃତି ହିଁ ସତ୍ୟ। ଜୀବନର ଗତିଶୀଳତା ହିଁ ସତ୍ୟ। ନିଜର ଧ୍ୟେୟ ପଥରେ ଆଗେଇ ଯିବା ହିଁ ସତ୍ୟ। ସିଦ୍ଧାର୍ଥ ନାଟକରେ ସତ୍ୟ ସନ୍ଧାନ, ଜ୍ଞାନ ଲିପ୍‌ସାର ଯେଉଁ ନାଟକୀୟ

**ନାଟକ ସିଦ୍ଧାର୍ଥର ଲୋକାର୍ପଣ ସମାରୋହ**

ପରାକାଷ୍ଠା ରହିଛି ତାହା ହିଁ ନାଟକର ମୂଳ ପ୍ରାଣ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଦାଶ ସିଦ୍ଧାର୍ଥ ନାଟକର ପ୍ରଥମ ନାଟ୍ୟ ନିର୍ଦ୍ଦେଶକ ହୋଇଥିବାରୁ ଏହାର ଅନୁଭୂତି ବର୍ଣ୍ଣନା କରିଥିଲେ। ୨୦୧୮ ମସିହାରେ ଏହା ବଲାଙ୍ଗୀର ଟାଉନ୍ ହଲ ଠାରେ ଏବଂ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିବା ସୂଚନା ଦେଇଥିଲେ। ସମାରୋହକୁ ନାଟ୍ୟ ଗ୍ରାମର ନ୍ୟାସୀ ବନ୍ଦନା ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ସମାରୋହରେ ବହିର ପ୍ରଚ୍ଛଦ ଶିଳ୍ପୀ ଅଷ୍ଟମ ଶ୍ରେଣୀ ଛାତ୍ରୀ ଆଦ୍ୟା ଅରୁଣିମା ନାଥଙ୍କୁ ସମ୍ମାନିତ କରାଯାଇଥିଲା। ନାଟ୍ୟଗ୍ରାମ ପକ୍ଷରୁ ପ୍ରଫେସର ପତିଙ୍କୁ ସ୍ମାରକୀ ଦିଆଯାଇଥିଲା। କଲ୍ୟାଣୀ ଆଚାର୍ଯ୍ୟ ଓ ଅଞ୍ଜନା ବାରିକ ସହଯୋଗ କରିଥିଲେ। ସୌମେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ୟଜନ୍ତୁ ବିଭାଗ ଦ୍ୱାରା ଜବତ ସାମଗ୍ରୀ ଫେରସ୍ତ ପାଇଁ ଦାବି

**ନୂଆପଡ଼ା ଅଫିସ,୫।୧୨**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟରେ ଥିବା ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତରେ ଅଧିକାଂଶ ଗ୍ରାମକୁ ବିଜୁଳି ସଂଯୋଗ ହୋଇ ପାରିନାହିଁ। ଏଭଳି ସ୍ଥିତିରେ ଗତ ୨୮ ତାରିଖରେ ସୋସେଙ୍ଗ ପଞ୍ଚାୟତ ରୁପିଆମ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ପାଇଁ ଯାଇଥିବା ଠିକା ସଂସ୍ଥା ବିଜୁଳି ଖମ୍ବ ପୋତିବା ଆରମ୍ଭ କରିଥିଲେ। ଏହି ସମୟରେ ବନ୍ୟଜନ୍ତୁ ବିଭାଗ ପକ୍ଷରୁ ବିରୋଧ କରିବା ସହିତ ଅଭୟାରଣ୍ୟ ଅଧିନିୟମ ଅନୁଯାୟୀ କାମ କରିବା ମଞ୍ଜୁରୀ ନ ଥିବା ଦର୍ଶାଇ ସମ୍ପୃକ୍ତ ଠିକା ସଂସ୍ଥାର ଗାଡି ଓ ଅନ୍ୟାନ୍ୟ ଉପକରଣ ଜବତ କରାଯାଇଛି। ଏହାକୁ ବିରୋଧ କରି ବନବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି କ୍ରମରେ ରବିବାର ସୁନାବେଡା ସରପଞ୍ଚ ତିଳସିଂ ଝାଙ୍କରଙ୍କ ନେତୃତ୍ୱରେ ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତବାସୀଙ୍କ ଏକ ସାଧାରଣ ବୈଠକ ହୋଇଥିଲା। ବୈଠକରେ ବନ୍ୟଜନ୍ତୁ ବିଭାଗ ଦ୍ୱାରା ଜବତ କରାଯାଇଥିବା ଠିକା ସଂସ୍ଥା ଟ୍ରାକ୍ଟର ଓ ଅନ୍ୟାନ୍ୟ ଉପକରଣ ତୁରନ୍ତ ଫେରସ୍ତ କରା ନ ଗଲେ ଆଗାମୀ ଦିନରେ ବନବାସୀମାନେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ବନ୍ୟଜନ୍ତୁ ବିଭାଗ ରେଞ୍ଜର ପ୍ରଫୁଲ କୁମାର ଦୁରିଆଙ୍କୁ ଯୋଗାଯୋଗ କରିବାରୁ ହୋଇ ପାରି ନ ଥିଲା।



ବନ୍ୟଜନ୍ତୁ ବିଭାଗକୁ ବିରୋଧ କରି ବୈଠକ କରିଥିବା ବନବାସୀବୃନ୍ଦ।

# ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଗଙ୍ଗବଂଶୀ ଷୋଳଗଡ଼

**ଡ. ସୁରେନ୍ଦ୍ର କୁମାର ମିଶ୍ର**




ଓଡ଼ିଶାର ପବିତ୍ରମୟ ତୀର୍ଥଭୂଇଁ ଥିଲା କୋଣାଦିତ୍ୟ। ଏଠାରେ ବହୁ ପ୍ରାଚୀନ କାଳରୁ ସୂର୍ଯ୍ୟ ଉପାସନା ପ୍ରଚଳିତ ଥିଲା। ମନ୍ଦିର ବି ହୋଇଥିଲା। ଲାଙ୍ଗୁଳା ନରସିଂହ ଦେବ ପବିତ୍ର ତୀର୍ଥକୁ ଚଳଚଞ୍ଚଳ କରିବା ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ଲାଗି ପଦକ୍ଷେପ ଆରମ୍ଭ କରିଥିଲେ। ଗଜପତି ଶୁଭ ମୁହୂର୍ତ୍ତରେ ସୂତ୍ରଧର ଶିବେଇ ସାନ୍ତରା (ସଦାଶିବ ସାମନ୍ତରାୟ ମହାପାତ୍ର)ଙ୍କୁ ମୁଖ୍ୟ ସ୍ଥପତି ଭାବରେ ନିଜେ ଲଙ୍କାପଡ଼ା ଶିବିରରେ ନିଯୁକ୍ତି ଦେବାପରେ ସୂତ୍ରଧର ସାତଜଣଙ୍କ ମୁଣ୍ଡରେ ପଗଡ଼ି ବାନ୍ଧି ଦାୟିତ୍ୱ ଅର୍ପଣ କରିଥିଲେ।

୧. କାର୍ଯ୍ୟକାରୀ ସ୍ଥପତି ବା କର୍ମକାର ଭାବରେ ଗଦାଧର ମହାରଣା, ୨. ଜଣେ ପରିଚ୍ଛା ବା ନିରୀକ୍ଷକ, ୩. ମୂର୍ତ୍ତିକାର ମହାରଣା ବିଦ୍ୟାଧର ମହାପାତ୍ର, ୪. ପଥର ସୁଆଁସିଆ (ପଥର ସ୍ଥପତି ବା ପଥୁରିଆ) ଭାବରେ ଅଇଁଠା ମହାରଣାଙ୍କୁ ମୁଖ୍ୟ ଭାବରେ ପଗଡ଼ି ବାନ୍ଧି ସ୍ୱୀକୃତି ଦେବା ପରେ, ୫. ଲେପ କାର୍ଯ୍ୟ (ଚୁନରା) ଲାଗି ବିନ୍ଦୁ ମହାରଣା, ୬. ଫାଶୀକାଠ ନିର୍ମାଣ ପାଇଁ ରାଜୀବ ମହାରଣା ଓ ୭. କମାର କଣ୍ଢା ସକାଶେ ପୁରିଆ ମହାପାତ୍ରଙ୍କୁ ସ୍ୱୀକୃତି ଦେଇଥିଲେ। ଏମାନେ କେହି ବି ବାହାରିଆ ଶିଳ୍ପୀ ନ ଥିଲେ।

ଗଜପତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ଶିବେଇ ସାମନ୍ତରା ସମାପ୍ତ କରିବା ପରେ ନିଜେ ଗଜପତି ରୂପାସ-ଗଡ଼ର ଦଳବେହେରାଙ୍କୁ ଶିବିର ପରିଚାଳନା ଦାୟିତ୍ୱ ଦେଇଥିଲେ। ତତ୍‌ସହିତ ଆର୍ଥିକ ଦିଗ ତଥା ହିସାବ କାର୍ଯ୍ୟ ପାଇଁ କିଲ୍ଲା ବଇଆଳିଶିବାଟୀର ହରିଚନ୍ଦନ ଭ୍ରମରବରଙ୍କୁ ଦାୟିତ୍ୱ ଦେଇଥିଲେ। ସ୍ମରଣଯୋଗ୍ୟ ଯେ, ରୂପାସ-ଗଡ଼ ସେତେବେଳେ 'ବିଶେ'ର ମାନ୍ୟତା ପାଇଥିଲା। 'ବିଶେ' କହିଲେ ଶାସନ ଦୃଷ୍ଟିରୁ ବର୍ତ୍ତମାନର 'ଜିଲା' ବୋଲି ଆମେ ବୁଝିବା। କାରଣ ବାଙ୍ଗୁରିଗାଁର ଜଗନ୍ନାଥ ସାହୁ ଓ କରୁଣାକର ସାହୁଙ୍କଠାରୁ ମିଳିଥିବା 'ସୂର୍ଯ୍ୟମନ୍ଦିରର ସ୍ଥାପତ୍ୟ କଳା' ପୋଥିରେ ସ୍ପଷ୍ଟ ଭାବରେ ଲେଖାଯାଇଛି– 'ରୂପାସ-ଗଡ଼ ଜିଲାର ପଦ୍ମତୋଳା କ୍ଷେତ୍ରରେ ମନ୍ଦିର ନିର୍ମାଣ ହେଲା।'' ଏହି ପୋଥିଟି ଓଡ଼ିଆ କରଣୀଅକ୍ଷରରେ ଲେଖାଯାଇଛି। ମିଳିଥିଲା ଭୋଇବଂଶର ଗଜପତି ପୁରୁଷୋତ୍ତମଦେବଙ୍କ ସମୟରେ। ଏଥିରେ ଶ୍ରୀପଦ୍ମକେଶର

**ରୂପାସ-ଗଡ଼ ପାଇଥିଲା ଜିଲାର ମାନ୍ୟତା**



ପଥରବୁହା ନଦୀରୁ ଉଦ୍ଧାର ହୋଇଥିବା ଗଡ଼ରୁପାସରେ ପୂଜିତ ଶ୍ରୀହନୁମାନ। ଗଡ଼ନାୟକଙ୍କ ଖଣ୍ଡା(ଇନ୍‌ସେଟ୍)।

ମନ୍ଦିରର ସମ୍ପୂର୍ଣ୍ଣ ନକ୍ସା ସ୍ଥାନ ପାଇଛି। ଭିତର କାନ୍ଥରୁ ଭିତର କାନ୍ଥ, ବାହାରପଟ ଅଞ୍ଚଳ ଓ ରଥ ଦେଉଳର ମାପ ସ୍ପଷ୍ଟ ଭାବରେ ହିସାବ ହୋଇଛି।

ପୂର୍ବରୁ କିଲ୍ଲା ବଇଆଳିଶିବାଟୀର ସୂଚନା ଏବଂ ସେଠାରେ ଥିବା ଶ୍ରୀଗଙ୍ଗେଶ୍ୱରୀ ମନ୍ଦିର ତଥା ପଥରବୁହା ନଦୀର ସୂଚନା ଆମେ ଦେଇଥିଲୁ। କୋଣାର୍କ ଅଞ୍ଚଳରେ ୧୬ଟି ଗଡ଼ ପ୍ରଥମେ ଗଙ୍ଗବଂଶ ଶାସନ ସମୟରେ ପ୍ରତିଷ୍ଠା ହୋଇଥିବାରୁ ଏହି ଗଡ଼ଗୁଡ଼ିକୁ ଆଜି ବି 'ଗଙ୍ଗବଂଶୀ' ଗଡ଼ କୁହାଯାଉଛି। ଷୋହଳଗଡ଼ ମଧ୍ୟରେ ରୂପାସ-ଗଡ଼ ଅନଙ୍ଗ ଭୀମଦେବଙ୍କ ଶାସନ କାଳରେ ପ୍ରତିଷ୍ଠା ହୋଇଥିଲା। ତତ୍କାଳୀନ ସମୟରେ ବିଶେ (ଜିଲା)ର ମାନ୍ୟତା ପାଇଥିବା ଏହି ଗଡ଼ର ପରିସର ଭିତରେ ରହିଥିଲା ପଦ୍ମତୋଳା କ୍ଷେତ୍ର। ବର୍ତ୍ତମାନ ଗଡ଼ର ମୁଖିଆଙ୍କ ଘରକୁ ଗଡ଼ନାୟକଙ୍କ ଖୁଆଡ଼ ବୋଲି ଚିହ୍ନିତ କରାଯାଉଛି। ପୋଥିରେ 'ଦଳବେହେରା' ଶବ୍ଦ ଅଛି। ଏହି ଗଡ଼ର ଦଳବେହେରା ମହାରଣାମାନେ ରହୁଥିବା ଶିବିରର ପରିଚାଳନା ଦାୟିତ୍ୱରେ ରହିଥିଲେ। ଗଡ଼ର ନାମକରଣକୁ ନେଇ ଏକାଧିକ ଐତିହ୍ୟ ଅଛି। ଗଡ଼ର ଉପାସକ ଥିଲେ ଦେବୀ କନକଦୁର୍ଗା। ପୂର୍ବଦିଗରେ ଦେବୀ ତାରାଙ୍କ ନିକଟରେ ଶତାଧିକ ମହାରଣା ପ୍ରସ୍ତାବିତ ଶିବିରରେ ରହୁଥିଲେ। ସଭିଏଁ ଶିବିରରୁ ପଦ୍ମତୋଳା କ୍ଷେତ୍ରକୁ ବାହାରିଲେ ଦେବୀ କନକଦୁର୍ଗା ଓ ଭୈରବୀଙ୍କ ଶରଣାଗତ ହୋଇ ବଡ଼େଇଗୋହିରୀ ଦେଇ ଯାଉଥିଲେ। ଗଡ଼ର ଖଣ୍ଡାଘରେ ଦଳବେହେରା, ପାତ୍ର ଓ ପାଇକମାନଙ୍କର ଖଣ୍ଡା ଓ ଅନ୍ୟାନ୍ୟ ଯୁଦ୍ଧଅସ୍ତ୍ର ରହୁଥିଲା। ଇଂରେଜଙ୍କ ସହିତ ୧୮୦୪ ମସିହାରେ ହୋଇଥିବା ଯୁଦ୍ଧରେ ଗଡ଼ର ବୀରମାନେ ଯୋଗ ଦେଇଥିଲେ। ଜୟୀରାଜଗୁରୁ ପାଇକମେଳି କଲାବେଳେ ଏହି ଗଡ଼କୁ ଆସି ଦଳବେହେରାଙ୍କୁ ଭେଟିଥିଲେ। ଲୋକଗୀତ, ଲୋକ କଥାରେ ଜୟୀ ରାଜଗୁରୁଙ୍କୁ ନେଇ ଅନେକ ଐତିହ୍ୟ ଗଡ଼ରେ ଆଜି ବି ବଞ୍ଚିଛି।